## ପୁରୀରେ ବିଜେଡି ପ୍ରଚାର ଜୋର୍‌ଦାର
# ଭୋଟ ଭିକ୍ଷା କଲେ ଅରୂପ, ସୁନୀଲ




**ପୁରୀ,୧୬ ।୪(ସମିସ):** ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ । ଉପକୂଳବର୍ତ୍ତୀ ଏହି ଆସନଟି ରାଜ୍ୟ ରାଜନୀତିର ଏକ ଚର୍ଚ୍ଚିତ ନାଁ । ଏଥର ନିର୍ବାଚନରେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ କିଏ ଜିତିବ ବାଜି? କାହାକୁ ଆଶୀର୍ବାଦ କରିବେ ମହାପ୍ରଭୁ? ଶ୍ରୀକ୍ଷେତ୍ର ବିକାଶର କିଏ ସାଜିବ ସାରଥୀ? ଏପରି ଚର୍ଚ୍ଚା ଆଲୋଚନା ଭିତରେ ଆରମ୍ଭ ହୋଇଛି ରାଜନୈତିକ ଗୋଟି ଚାଳନା । ପ୍ରମୁଖ ଦଳ ନିଜ ବିଜୟକୁ ନେଇ ଅଙ୍କ କଷିବା ଆରମ୍ଭ କରିଛନ୍ତି । ବିଜେଡିରୁ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ପ୍ରଥମଥର ବଡ଼ ନିର୍ବାଚନୀ ମୈଦାନରେ ଏଣ୍ଟ୍ରି ମାରିଥିବା ବେଳେ ତାଙ୍କ ପ୍ରତିପକ୍ଷରେ ରହିଛନ୍ତି ବିଜେପିର ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ କଂଗ୍ରେସର ନବାଗତ ସୁଜିତ୍ ମହାପାତ୍ର । ତେବେ ପୁରୀ ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁନୀଲ ମହାନ୍ତି ପ୍ରଚାରକୁ ଜୋର୍‌ଦାର କରିଛନ୍ତି । ମଙ୍ଗଳବାର ସକାଳେ ଦୁହେଁ ଦଳୀୟ କର୍ମକର୍ତ୍ତା ଓ ସମର୍ଥକଙ୍କ ସହ ବଡ଼ଦାଣ୍ଡରେ ବୁଲି ଭୋଟ ଭିକ୍ଷା କରିଛନ୍ତି । ମାର୍କେଟ ଛକରୁ ପଦଯାତ୍ରାରେ ବାହାରିଥିଲେ । ବଡ଼ଦାଣ୍ଡ ସମେତ ବିଭିନ୍ନ ସାହିଗଳିକୁ ଯାଇ ମହିଳା, ଯୁବକ, ବରିଷ୍ଠ ନାଗରିକ ସମସ୍ତଙ୍କୁ ଭେଟିଥିଲେ । ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ଦେଇ ଆସନ୍ତା ନିର୍ବାଚନରେ ବିଜେଡିକୁ ବିପୁଳ ସମର୍ଥନ ଦେବାକୁ ନିବେଦନ କରିଥିଲେ । ସବୁ ବର୍ଗର ଲୋକଙ୍କୁ ଭେଟିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ସରକାର ପୁରୀରେ କରିଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକୁ ଗାଦିସୀନ କରି ଓଡ଼ିଶା ବିକାଶରେ ସାଥୀ ହେବା ପାଇଁ ସବୁ ଭୋଟରଙ୍କୁ ନିବେଦନ କରିଥିଲେ ଅରୂପ ଓ ସୁନୀଲ ।

# ୨୮ ରେ ପ୍ରଚାର ପାଇଁ ଓଡ଼ିଶା ଆସିବେ ରାହୁଲ
## ଶ୍ରୀକ୍ଷେତ୍ରରୁ ପ୍ରଚାର ଆରମ୍ଭ କରିବ କଂଗ୍ରେସ

**ଭୁବନେଶ୍ୱର, ୧୬ ।୪ (ସମିସ):** କଂଗ୍ରେସର ରାଜ୍ୟ ପ୍ରଚାର କମିଟିର ପ୍ରଥମ ବୈଠକ ବିଧାୟକ ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ଲୋକସଭା ଓ ବିଧାନସଭା କ୍ଷେତ୍ରଗୁଡ଼ିକରେ କିପରି ପ୍ରଭାବୀ ଢଙ୍ଗରେ ପ୍ରଚାର କରାଯିବ, ତାହାର ରଣକୌଶଳ ସ୍ଥିର କରାଯାଇଛି । ଜାତୀୟ କଂଗ୍ରେସର ୫ଟି ନ୍ୟାୟ ଓ ୨୫ଟି ଗ୍ୟାରେଣ୍ଟି ଏବଂ ରାଜ୍ୟ କଂଗ୍ରେସର ୯ଟି ଗ୍ୟାରେଣ୍ଟି କିପରି ସାଧାରଣ ମତଦାତାଙ୍କ ନିକଟରେ ପହଞ୍ଚିବ, ତା' ଉପରେ ବିଶଦ୍ ଭାବେ ଚର୍ଚ୍ଚା ହୋଇଛି । ଶ୍ରୀକ୍ଷେତ୍ର ଧାମରୁ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ପ୍ରଚାର ଆରମ୍ଭ କରାଯିବ । ଏହି ପ୍ରଚାର ଅଭିଯାନ ୧୪୭ ଟି ବିଧାନସଭା ଓ ୨୧ଟି ଲୋକସଭା କ୍ଷେତ୍ରରେ ପହଞ୍ଚିବ । ଆସନ୍ତା ୨୮ ତାରିଖରେ ମଧୁବାବୁଙ୍କ ଜନ୍ମସ୍ଥାନରେ ପ୍ରସ୍ତାବିତ ଜନସଭାରେ କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦ ରାହୁଲ ଗାନ୍ଧୀ ସମ୍ବୋଧନ କରିବେ । ଏହି ବୈଠକରେ ପ୍ରଚାର କମିଟିର ଉପାଧ୍ୟକ୍ଷ ନବଜ୍ୟୋତି ପଟ୍ଟନାୟକ, ପ୍ରଚାର କମିଟି ଆବାହକ ସୁଧାଂଶୁ ଶେଖର ଦେଓ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅମୀୟ ପାଣ୍ଡବ, ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ଜିଆଉଲ୍ ହକ୍, ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ସାଂସଦ ନକୁଳ ନାଏକ, ବିଧାୟକ ଦାଶରଥୀ ଗମାଙ୍ଗୋ, ଏଆଇସିସି ପର୍ଯ୍ୟବେକ୍ଷକ ହର୍ଷବର୍ଦ୍ଧନ, ସସ୍ମିତା ବେହେରା, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପଦ୍ମାକର ଗୁରୁ, ରଞ୍ଜିତା ରାଉତ, ବନ୍ଦିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।



# ଧର୍ମେନ୍ଦ୍ର ପ୍ରଧାନ ଜଣେ ସୁବିଧାବାଦୀ ନେତା: ବିଜେଡି
## ନିର୍ବାଚନ ପ୍ରାର୍ଥୀ ହେବା ପରେ ଏବେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କଥା ମନେ ପଡ଼ିଲା

**ଭୁବନେଶ୍ୱର,୧୬ ।୪ (ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ସୁବିଧାବାଦୀ ନେତା । ସମ୍ବଲପୁର ଲୋକସଭା ବିଜେପି ପ୍ରାର୍ଥୀ ହେବା ପରେ ଏବେ ତାଙ୍କ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କଥା ମନେ ପଡ଼ିଛି । ସମ୍ବଲପୁର ବିଜେଡି ଜିଲ୍ଲା ଯୁବସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ଆଜି ଏପରି ଅଭିଯୋଗ କରି ଧର୍ମେନ୍ଦ୍ରଙ୍କ ଉପରେ ବର୍ଷିଛନ୍ତି । ଏକ ପ୍ରେସ୍ ବିବୃତିରେ ସେ କହିଛନ୍ତି ଯେ ଯଦି ସମ୍ବଲପୁରର ଜନସାଧାରଣ ତଥା ସମ୍ବଲପୁର ବାର୍ ଆସୋସିଏସନ୍ ପ୍ରତି ଧର୍ମେନ୍ଦ୍ରଙ୍କ ଏତେ ଦରଦ, ପୂର୍ବରୁ କାହିଁକି ସେ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ସର୍କିଟ୍ ବେଞ୍ଚ ପ୍ରତିଷ୍ଠା ଦାବିକୁ ଖୋଲାଖୋଲି ସମର୍ଥନ କରୁନଥିଲେ । ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ପ୍ରାୟ ଜିଲ୍ଲାରେ ଭର୍ଚୁଆଲ କୋର୍ଟ କରିବାକୁ ଆଦେଶ ଦେଇଛନ୍ତି । କିନ୍ତୁ ଏହା ଜାଣି ମଧ୍ୟ ସେ ନିର୍ବାଚନରେ ଭୋଟ ହାତେଇବାକୁ ଏବେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କଥା ଉଠାଇବା ନିହାତି ହାସ୍ୟାସ୍ପଦ ବିଷୟ । ସମ୍ବଲପୁର ମାଟି ପ୍ରତି ଯଦି ଧର୍ମେନ୍ଦ୍ରଙ୍କ ଏତେ ଦରଦ ଥିଲା, ସେ ପୂର୍ବରୁ କେତେଥର ଏ ବିଷୟ ସଂସଦରେ ଉଠାଇଛନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ବିଜେପି ଦଳର ଉଭୟ ବିଧାୟକ ଓ ସାଂସଦ ପାଞ୍ଚ ବର୍ଷ ହେଲା ଅନ୍ତର୍ଦ୍ଧାନ ଥିବା ବେଳେ ଏବେ ମାନ୍ୟବର ମନ୍ତ୍ରୀ ଲୋକସଭା ପ୍ରାର୍ଥୀ ହୋଇ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କଥା ଉଠାଇବା ନିହାତି ହାସ୍ୟାସ୍ପଦ ।

# କ୍ୟାନ୍ସର ହସ୍ପିଟାଲରେ ମହିଳା ରୋଗୀଙ୍କ ଆତ୍ମହତ୍ୟା

**କଟକ,୧୬ ।୪(ସମିସ):** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି । ଏଠାରେ ଚିକିତ୍ସାଧୀନ ଜଣେ ମହିଳା କର୍କଟ ରୋଗୀ ଆତ୍ମହତ୍ୟା କରିଛନ୍ତି । କାଜୁଆଲିଟି ଶୌଚାଳୟରେ ନିଜ ପିନ୍ଧା ଶାଢ଼ିକୁ ବେକରେ ଗୁଡ଼ାଇ ମହିଳାଜଣକ ଝୁଲି ପଡ଼ିଥିଲେ । ଆତ୍ମହତ୍ୟାର କାରଣ ଜଣା ପଡ଼ିନଥିବା ବେଳେ ମଙ୍ଗଳାବାଗ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ନିମନ୍ତେ ମହିଳାଙ୍କ ମୃତଦେହ ବଡ଼ ମେଡ଼ିକାଲ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ପୁଲିସର ସୂଚନା ମୁତାବକ, ନୟାଗଡ଼ ଓଡଗାଁ ଅଞ୍ଚଳର ଲଳିତା ପଡ଼ିହାରୀ(୪୫) ମଙ୍ଗଳବାର ଦିନ ପ୍ରାୟ ୧୧ଟା ବେଳେ କ୍ୟାନ୍ସର ହସ୍ପିଟାଲ ଆସିଥିଲେ । ସ୍ୱାମୀ ପଦ୍ମନାଭ ସାଥିରେ ଥିଲେ । କର୍କଟ ଆକ୍ରାନ୍ତ ଲଳିତାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ହେଉଥିଲା । ଡାକ୍ତରଙ୍କୁ ଦେଖାଇବା ପରେ ବିଭିନ୍ନ ପରୀକ୍ଷାନିରୀକ୍ଷା ମଧ୍ୟ କରିଥିଲେ । ତାଙ୍କୁ ୱାର୍ଡରେ ଆଡମିଟ କରାଯାଇଥାନ୍ତା । କିନ୍ତୁ ସନ୍ଧ୍ୟା ସମୟରେ ସେ ପରିସ୍ରା ଯିବାକୁ କହି କାଜୁଆଲିଟିକୁ ଯାଇଥିଲେ । କିଛି ସମୟ ପରେ ନ ଫେରିବାରୁ ସ୍ୱାମୀ ପଦ୍ମନାଭଙ୍କ ସନ୍ଦେହ ହୋଇଥିଲା । ସେ କାଜୁଆଲିଟି କର୍ମଚାରୀଙ୍କୁ ପଚରାଉଚରା କରିଥିଲେ । ପରେ ତାଙ୍କ ମୃତଦେହ କାଜୁଆଲିଟି ଶୌଚାଳୟ ଭିତରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା ।

### ■ କଠିନ ପରିଶ୍ରମର ବିକଳ୍ପ ନାହିଁ
# ପ୍ରଥମ ପ୍ରଚେଷ୍ଟାରେ ଦେଶରେ ଦ୍ୱିତୀୟ ଓଡ଼ିଶାର ଅନିମେଶ

**ଭୁବନେଶ୍ୱର, ୧୬ ।୪(ସମିସ):** ଓଡ଼ିଆ ପୁଅ ଅନିମେଶ ପ୍ରଧାନ ୟୁପିଏସ୍‌ସି ପରୀକ୍ଷାରେ ସର୍ବଭାରତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି । ଅନୁଗୁଳ ଜିଲ୍ଲା ତାଳଚେର ଭାଲୁଗଡ଼ିଆରେ ତାଙ୍କ ଘର । ତାଙ୍କ ମା' ଅରୁଣା ପାତ୍ର ଏମ୍‌ସିଏର କର୍ମଚାରୀ ଥିଲେ । ଗତ ଜାନୁଆରୀରେ ତାଙ୍କ ମୃତ୍ୟୁ ହୋଇଛି । ଏହା ପୂର୍ବରୁ ୨୦୧୫ ମସିହାରେ ତାଙ୍କ ପିତା ପ୍ରଭାକର ପ୍ରଧାନଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା । ସ୍ୱର୍ଗତ ପିତା ହିଙ୍ଗୁଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ । ଉଭୟ ବାପା ଓ ମା'ଙ୍କୁ ହରାଇଥିଲେ ମଧ୍ୟ ସେ ନିଜ ଲକ୍ଷ୍ୟପଥରୁ ଦୂରେଇ ଯାଇନାହାନ୍ତି । ନିରନ୍ତର ଭାବେ ପାଠପଢ଼ା ଜାରି ରଖି ସେ ନିଜ ଲକ୍ଷ୍ୟ ହାସଲ କରିଛନ୍ତି । ପ୍ରଥମ ପ୍ରଚେଷ୍ଟାରେ ସେ ୟୁପିଏସ୍‌ସି ପରୀକ୍ଷା ଦେଇ ସଫଳତା ପାଇଛନ୍ତି । ଅନିମେଶ ତାଳଚେର କଳିଙ୍ଗ ଏରିଆସ୍ଥିତ ଡିଏଭି ସ୍କୁଲରେ +୨ ପର୍ଯ୍ୟନ୍ତ ପଢ଼ିଥିଲେ । ପରେ ସେ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଏନ୍‌ଆଇଟି)ରେ ଇଞ୍ଜିନିୟରିଂ ପାଠ ଶେଷ କରିଥିଲେ । ସମ୍ପ୍ରତି ସେ ଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ଼(ଆଇଓସିଏଲ)ରେ କାର୍ଯ୍ୟରତ ଅଛନ୍ତି । ୨୪ବର୍ଷୀୟ ଅନିମେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସଫଳତା ପାଇଁ ଆଶାବାଦୀ ଥିଲି । ହେଲେ ଦ୍ୱିତୀୟ ର୍‍ୟାଙ୍କ ମିଳିବା ଖୁସି ଦେଇଛି । ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)କୁ ପ୍ରଥମେ ଚୟନ କରିବି । ନିଜ ରାଜ୍ୟ ଓଡ଼ିଶାର ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବି । ୨୦୨୨ ମସିହାରୁ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା କହିଛନ୍ତି ।



# ମୋକିମ୍‌ଙ୍କୁ ସୁପ୍ରିମ୍‌କୋର୍ଟରୁ ଆଶ୍ୱସ୍ତି

**ଭୁବନେଶ୍ୱର, ୧୬ ।୪ (ସମିସ):** କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ତାଙ୍କୁ ଆତ୍ମସମର୍ପଣରୁ ଛାଡ଼ କରିଛନ୍ତି । ଏପ୍ରିଲ ୨୨ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ମୋକିମ ଆତ୍ମସମର୍ପଣ କରିବେନି । ଓଆରଏଚଡିସି ଦୁର୍ନୀତି ମାମଲାରେ ଭିଜିଲାନ୍ସ କୋର୍ଟଙ୍କ ଦଣ୍ଡାଦେଶ ଉପରେ ରୋକ୍ ଲଗାଇବା ପାଇଁ ହାଇକୋର୍ଟରୁ ନିରାଶ ହେବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବିଧାୟକ ମୋକିମ । ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ଦେବାକୁ ଏବଂ ମାମଲାର ବିଚାର ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଜାମିନ ପ୍ରଦାନ କରିବାକୁ ସେ ଆବେଦନରେ ପ୍ରାର୍ଥନା କରିଥିଲେ । ଏଥିସହ ଜରିମାନା ରାଶି ଆଦାୟ ଉପରେ ରୋକ ଲଗାଇବା ପାଇଁ ମଧ୍ୟ ସେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ । ଓଆରଏଚ୍‌ଡିସି ଦୁର୍ନୀତି ମାମଲାରେ ତଳ କୋର୍ଟ ମୋକିମଙ୍କୁ ୩ ବର୍ଷ ଦଣ୍ଡାଦେଶ କରିଥିଲେ । ତଳକୋର୍ଟଙ୍କ ରାୟକୁ ଓଡ଼ିଶା ହାଇକୋର୍ଟ କାଏମ ରଖୁଥିଲେ । ଏହାକୁ ଚାଲେଞ୍ଜ କରି ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୋକିମ । ଆସନ୍ତା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ କି ନାହିଁ, ତାହା ସୁପ୍ରିମ୍‌କୋର୍ଟଙ୍କ ରାୟ ଉପରେ ନିର୍ଭର କରୁଛି ।

# ଆଇଟିଇପି ନାମଲେଖା ପାଇଁ ଆବେଦନ ଆରମ୍ଭ

**ଭୁବନେଶ୍ୱର,୧୬ ।୪(ସମିସ):** ୪ ବର୍ଷିଆ ସମନ୍ୱିତ ଶିକ୍ଷକ ଶିକ୍ଷା ଯୋଜନା(ଆଇଟିଇପି)ରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ ହୋଇପାରିବ । ଜୁନ୍ ୧୨ତାରିଖରେ ଏହାର ପରୀକ୍ଷା ହେବାକୁ ଥିବାବେଳେ ଏହାର ୩ ଦିନ ପୂର୍ବରୁ ଆଡମିଟ କାର୍ଡ ଡାଉନ୍‌ଲୋଡ କରିପାରିବେ । ଆଶାୟୀମାନେ www.nta.ac.in aû neet.samarth.ac.inରେ ଆବେଦନ କରିପାରିବେ ।

# ମୋ ପୁଅ ଜିତିବା ନିଶ୍ଚିତ ହୋଇଗଲା: ସୁର

**ଭୁବନେଶ୍ୱର,୧୬ ।୪(ସମିସ):** ମୋତେ ବହିଷ୍କାର କରି ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ବିଜୟକୁ ସହଜ କରି ଦେଇଛି କଂଗ୍ରେସ । ଗଣମାଧ୍ୟମକୁ ଏପରି ସୂଚନା ଦେଇ ସୁରେଶ ରାଉତରାୟ କହିଛନ୍ତି ଯେ, ଏବେ ପୁଅ ପାଇଁ ଖୋଲାଖୋଲି ପ୍ରଚାର କରିବେ । ସୁର କହିଛନ୍ତି, ବଞ୍ଚିଥିବା ପର୍ଯ୍ୟନ୍ତ କଂଗ୍ରେସରେ ରହିବେ ଓ କୌଣସି ପାର୍ଟି ବୈଠକକୁ ଯିବେନି । ତେବେ ତାଙ୍କ ପୁଅ ତଥା ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ଜିତାଇବା ପାଇଁ ସେ ଲୋକଙ୍କୁ କହୁଛନ୍ତି । କଂଗ୍ରେସରୁ ବହିଷ୍କାର ଖବର ଶୁଣି ତାଙ୍କୁ ଭଲ ପାଉଥିବା ଲୋକମାନେ ବିଭିନ୍ନ ଅଞ୍ଚଳରୁ ଆସି ତାଙ୍କୁ ଦେଖା କରୁଛନ୍ତି । ସୁରଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି କହିବା ସହ ଆସନ୍ତା ନିର୍ବାଚନରେ ତାଙ୍କ ପୁଅକୁ ଭୋଟ ଦେଇ ଜିତାଇବେ ବୋଲି ଲୋକମାନେ ପ୍ରତିଶ୍ରୁତି ଦେଇଛନ୍ତି । ଏ କଥା ଶୁଣିବା ପରେ ସୁରଙ୍କ ମନ ବହୁତ ଖୁସି ବୋଲି ସୁର ଆଜି ଗଣମାଧ୍ୟମ ଆଗରେ କହିଛନ୍ତି । ତାଙ୍କ ପୁଅ ଜିତିବା ଏକ ପ୍ରକାର ସୁନିଶ୍ଚିତ ହୋଇଗଲାଣି । ସୁର ଆହୁରି କହିଛନ୍ତି, ମୁଁ କିଛି ଅନ୍ୟାୟ କରିନି । ତାଙ୍କ ପୁଅକୁ ବିଜେଡି ଟିକଟ ଦେଲା । ସିଏ ସାବାଳକ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଆଦର୍ଶ ମାନିଲେ । ସେହି ହିସାବରେ ସେ ବିଜେଡିରେ ମିଶିଲେ ଓ ତାଙ୍କୁ ଏଥିପାଇଁ ଦଳ ବହିଷ୍କାର କରିଦେଲା ବୋଲି ସୁର କହିଛନ୍ତି ।

# ମିନତି ଦେବତା ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର, ୧୬ ।୪(ସମିସ):** ରାଜ୍ୟ ଉପ-ସଭାପତି ତଥା ସମ୍ବଲପୁର ତଥା ଦେବଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ମିନତି ଦେବତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି । ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବନ କରିଥିବା ନେଇ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଲୋକକଥା



ଆଗରୁ ତ କେବେ ଦେଖା ନଥିଲେ ହେ
'ଫୁଲ' ନେତା ଏଇ ରାଜ୍ୟରେ,
ବୁଝିଚନ୍ତି କେବେ ସୁଖରେ କି ଦୁଃଖେ
କେମିତି ଅଛନ୍ତି ଭୋଟରେ !
ଦେଖ ଏବେ ତାଙ୍କ ନାଟରେ,
'ପଦ୍ମ' ନାଡ଼ ଆହା ମୋଡ଼ି ହୋଇଯାଏ
ପଡ଼ିକି କନ୍ଦଳ ଫାଶରେ !!



ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ ମଙ୍ଗଳବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି ।

### ■ ଅସନ୍ତୋଷ ଜାହିର୍ କଲେ ବିଜେପି ବିଧାୟକ ଡ. ବୁଧାନ ମୁର୍ମୁ
# 'ଦଳ ମୋ ସହ ଅନ୍ୟାୟ କରିଛି'

**ଭୁବନେଶ୍ୱର,୧୫ ।୪(ସମିସ):** ବିଜେପିର ପ୍ରଥମ ପର୍ଯ୍ୟାୟ ଟିକଟ ଘୋଷଣାରେ ମୋ ନାମ ନଥିଲା । ଏନେଇ ମୁଁ ଶୀର୍ଷ ନେତୃତ୍ୱଙ୍କୁ ପ୍ରଶ୍ନ କରିଥିଲି । ଦ୍ୱିତୀୟ ପର୍ଯ୍ୟାୟରେ ମୋ ନାମ ନିଶ୍ଚିତ ରହିବ ବୋଲି ମୋତେ ରାଜ୍ୟ ନେତୃତ୍ୱ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଦଳ ମୋ ସହ ବିଶ୍ୱସଘାତ କଲା । ଆଜି ସାରସକଣାରୁ ତାଙ୍କୁ ଟିକଟ ପ୍ରଦାନ ନ କରିବା ପରେ କିଛି ଏପରି ଢଙ୍ଗରେ କ୍ଷୋଭ ପ୍ରକାଶ କରିଛନ୍ତି ବିଧାୟକ ଡ. ବୁଧାନ ମୁର୍ମୁ । ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ଦଳର ସବୁ ସର୍ଭେ ରିପୋର୍ଟରେ ମୁଁ ସର୍ବାଗ୍ରେ ଥିଲି । ଉଭୟ ଲୋକସଭା ଏବଂ ବିଧାନସଭା ପାଇଁ ପ୍ରଥମ ପସନ୍ଦ ଥିଲି । କେଉଁ କାରଣ ପାଇଁ ମୋଟ ଟିକଟ କଟି ଅନ୍ୟ ଜଣକୁ ଟିକଟ ଦିଆଗଲା, ତାହାର ରହସ୍ୟ କ'ଣ ମୋତେ ଜଣାନାହିଁ । ଏନେଇ ମୁଁ ନିଶ୍ଚିତ ରାଜ୍ୟ ନେତୃତ୍ୱଙ୍କୁ ପ୍ରଶ୍ନ କରିବି । ଯଦି ସନ୍ତୋଷଜନକ ଉତ୍ତର ନମିଳିଲେ, ମୁଁ ନିଶ୍ଚିତ ବିକଳ୍ପ କଥା ଚିନ୍ତା କରିବି । ସେ ଆହୁରି ମଧ୍ୟ କହିଛନ୍ତି ଯେ ମୋ ସହ ଅନ୍ୟାୟ ହୋଇଛି । ୨୦୧୯ରେ ନିର୍ବାଚନ ଜିଣିଥିବା ସବୁ ବିଧାୟକଙ୍କୁ ଟିକଟ ଦିଆଯିବ ବୋଲି ଘୋଷଣା ହୋଇଥିଲା । ମାତ୍ର ଏଯାବତ୍ ଏକମାତ୍ର ବିଧାୟକ ଭାବେ ମୋ ଟିକଟକୁ କାଟି ଦିଆଗଲା । କେଉଁ କାରଣରୁ ଏବଂ କେଉଁ ଚାପର ବଶବର୍ତ୍ତୀ ହୋଇ ମୋ ଟିକଟ କଟାଗଲା, ସେନେଇ ମୁଁ ନିଶ୍ଚିତ ପ୍ରଶ୍ନ କରିବି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯାହାକୁ ଦଳ ବିଷୟରେ କିଛି ବି ଜଣାନାହିଁ, ବିଜେପିର ଶିଷ୍ଟାଚାର ବିଷୟରେ ଅବଗତ ନୁହନ୍ତି ତାଙ୍କୁ କିପରି ଟିକଟ ଦିଆଗଲା ସେନେଇ ମୁଁ ନେତୃତ୍ୱଙ୍କୁ ପ୍ରଶ୍ନ କରିବି ବୋଲି ଡ. ମୁର୍ମୁ କହିଛନ୍ତି ।

**ସନ୍ତୋଷଜନକ ଉତ୍ତର ନମିଳିଲେ ବିକଳ୍ପ ଚିନ୍ତା**

## ପିଏଚ୍.ଡି ଲାଭ



ପ୍ରଭାତ ଗୁରୁକୁଳ ଆଶ୍ରମ, ମେରଟ ର ପ୍ରତିଷ୍ଠାତା ସ୍ୱାମୀ ବିବେକାନନ୍ଦ ସରସ୍ୱତୀ ଙ୍କ ପ୍ରେରଣାରେ ବଲାଙ୍ଗିର ଜିଲ୍ଲାର ରାଜୀବ ନଗର ନିବାସୀ ଶ୍ରୀମତୀ ଆଭା ଆର୍ଯ୍ୟା , ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦାର୍ଶନିକ ଅଧ୍ୟୟନ ଉପରେ ଗବେଷଣା କରି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଡକ୍ଟର ଅଫ ଫିଲୋସଫି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା , ଡକ୍ଟର ରମାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ପରିସରରେ ଏହି ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ରେ ଅନୁଷ୍ଠିତ ପ୍ରଥମ ଦୀକ୍ଷାନ୍ତ ସମାରୋହ ଉତ୍ସବରେ ଶ୍ରୀମତୀ ଆର୍ଯ୍ୟା ଏହି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା ହେଉଛନ୍ତି ଦୟାନନ୍ଦ ଆଙ୍ଗଲୋ ବୈଦିକ ବିଦ୍ୟାଳୟର ପୂର୍ବତନ ନୈତିକ ଉପଦେଶକ ତଥା ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସୁଲକ୍ଷଣୀ ଦାସଙ୍କର ଜ୍ୟେଷ୍ଠା କନ୍ୟା । ସେ ବାସୁଦେବ ପଣ୍ଡା ଓ ଜୟନ୍ତୀ ପଣ୍ଡାଙ୍କର ପୁତ୍ରବଧୂ ତଥା ଡାକବିଭାଗରେ କାର୍ଯ୍ୟରତ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ପଣ୍ଡାଙ୍କର ଧର୍ମପତ୍ନୀ ଅଟନ୍ତି । ଗବେଷଣା କ୍ଷେତ୍ରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନ୍ୟାନ୍ୟ କୃତିକୁ ଲୋକଲୋଚନକୁ ଆଣିବାରେ ଚେଷ୍ଟା ଜାରି ରଖିବେ ବୋଲି ଶ୍ରୀମତୀ ଆର୍ଯ୍ୟା କହିଛନ୍ତି । ଏହି ସଫଳତା ପାଇଁ ଡ. ଆର୍ଯ୍ୟା ତାଙ୍କ ବାପା, ମାଁ,ଶାଶୂ, ଶ୍ୱଶୁର,ସ୍ୱାମୀ , ନବପ୍ରଭାତ୍ ବୈଦିକ ବିଦ୍ୟାପୀଠ ର ଆଚାର୍ଯ୍ୟ ବୃହସ୍ପତୀ ଶାସ୍ତ୍ରୀ ଓ ଗବେଷଣା କାର୍ଯ୍ୟରେ ସାହାଯ୍ୟ କରିଥିବା ଲୋକେଶ କୁମାରଙ୍କୁ ତଥା ତାଙ୍କର ନିର୍ଦ୍ଦେଶକ ଡ. ରମାକାନ୍ତ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବବିତା ମିଶ୍ରଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏହା ସହ ସବୁ ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ଓ ସର୍ବୋପରି ଈଶ୍ୱରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

୪୨ତମ ଶ୍ରାଦ୍ଧବାର୍ଷିକୀ
ତା.୧୭.୦୪.୨୦୨୪ରିଖ



ପୁଣ୍ୟଶ୍ଲୋକ ସ୍ୱର୍ଣ୍ଣଲତା ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଧରାବତରଣ: ପୌଷ ଶୁକ୍ଳ ୪ର୍ଥୀ ୧୯୩୩
ସର୍ଗାରୋହଣ: ଚୈତ୍ର ଶୁକ୍ଳ ୯ମୀ ୧୯୮୨
ମା' ୪୩ ବର୍ଷ ହେଲା ତମେ ନାହଁ, ବାପା ମଧ୍ୟ ୩୦ ବର୍ଷ ହେଲା ନାହାନ୍ତି । କେବେ ଆମକୁ ଲାଗିନାହିଁ ଯେ, ତୁମେ ଦୁହେଁ ଆମ ପାଖରେ ନାହଁ । ତୁମର ସାତ ନାତିନାତୁଣୀ, ଦୁଇ ନାତୁଣୀ, ନାତୁଣୀ ଜ୍ୱାଇଁ, ଦୁଇ ନାତୁଣୀ ବୋହୂ, ଜଣେ ଅଣନାତି, ଜଣେ ଅଣନାତୁଣୀ ତୁମ ଦୁହିଁଙ୍କୁ ସକାଳେ ସଂଜେ ପ୍ରଣତି ବାଢ଼ୁଛୁ ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ :
ପୁଅବୋହୂ : ପ୍ରଦୀପ୍ତ-ଶକୁନ୍ତଳା, ପ୍ରକାଶ-ସ୍ନେହଲତା, ଅଶୋକ-ରେଣୁବାଳା, ନାତି- ରାଜା, ସମ୍ରାଟ, ଟିଙ୍କିନ, ସିନ୍ଧୁନ, ନାତୁଣୀ - ସ୍ନିଗ୍ଧା, ସ୍ୱାତୀ, ପ୍ରଜାରାଣୀ, ଅଣନାତି - ହନି, ଅଣନାତୁଣୀ- ଅନନ୍ୟା, ଓ ପୁନର୍ନବା ପରିବାର ।

## ରଥଯାତ୍ରା ପ୍ରସ୍ତୁତି ବୈଠକ
# ଅଗ୍ରାଧିକାର ଭିତ୍ତିରେ କାମ ସାରିବାକୁ ନିର୍ଦ୍ଦେଶ

**ପୁରୀ, ୧୬ ।୪ (ସମିସ):** ଚଳିତ ବର୍ଷ ନିର୍ବାଚନ ସହ ରଥଯାତ୍ରାର ଆୟୋଜନ ନିଶ୍ଚିତ ଭାବେ ଆହ୍ୱାନ । ତେବେ ସମ୍ମିଳିତ ଉଦ୍ୟମ ଓ ପାରସ୍ପରିକ ସହଯୋଗ ଦ୍ୱାରା ଏହାକୁ ଆମେ ସଫଳ କରିବା । ତେଣୁ ପ୍ରତ୍ୟେକ ବିଭାଗ ସେମାନଙ୍କ ବିଭାଗୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏସ୍‌ପି ପିନାକ ମିଶ୍ର ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷାର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ଯାତ୍ରୀମାନଙ୍କ ସୁବିଧା ପାଇଁ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଗାଡ଼ିଗୁଡ଼ିକ ପରିବହନକୁ ସୁନିୟନ୍ତ୍ରିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ରଥକାଠ ସଂଗ୍ରହ, ରଥ ନିର୍ମାଣ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଥିଲେ ଯେ ଚଳିତ ବର୍ଷ ମେ' ୧୦ ତାରିଖ ଅକ୍ଷୟ ତୃତୀୟାରେ ରଥ ଅନୁକୂଳ, ଜୁନ୍ ୨୨ରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୭ରେ ଶ୍ରୀଗୁଣ୍ଡିଚା, ଜୁଲାଇ ୧୨ରେ ଦକ୍ଷିଣ ମୋଡ଼, ଜୁଲାଇ ୧୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୧୫ରେ ବାହୁଡ଼ା ଯାତ୍ରା, ଜୁଲାଇ ୧୭ରେ ସୁନାବେଶ ଓ ୧୮ ତାରିଖରେ ଅଧରପଣା ନୀତି ଅନୁଷ୍ଠିତ ହେବ । ସେହିପରି ରଥ ନିର୍ମାଣ ପାଇଁ ୮୬୫ କାଠର ଆବଶ୍ୟକତା ଥିବା ବେଳେ ପୂର୍ବବର୍ଷର ୫୩ଖଣ୍ଡ କାଠ ବଳକା ଥିବାରୁ ଚଳିତବର୍ଷ ଆଉ ୮୧୨ଖଣ୍ଡ କାଠର ଆବଶ୍ୟକତା ରହିଛି । ଜଙ୍ଗଲ ବିଭାଗ ନିର୍ଦ୍ଧାରିତ ସମୟରେ ଏହା ପ୍ରଦାନ କରିବେ । ରଥ ପାଇଁ ବିଭିନ୍ନ ରଙ୍ଗର ୧, ୫୪୨ ମିଟର ରଥ କପଡ଼ା, ଲାଗି ଲୁଗା, ଝୁଣା, ଚନ୍ଦନ କାଠ, ରଥ ଦଉଡ଼ା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ ।

ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ପରିବହନ, ରାସ୍ତାଘାଟ ମରାମତି ଓ ଉନ୍ନତିକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅସୁରକ୍ଷିତ ବିଲ୍ଡିଂର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥାର ସମୀକ୍ଷା ଇତ୍ୟାଦିକୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ, କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ଛେଣ୍ଡିପଦାରେ କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନାଏକଙ୍କୁ ବିରୋଧ
# କଂଗ୍ରେସ ଭବନରେ ଗୋବିନ୍ଦ ରାୟ ସମର୍ଥକଙ୍କ ହଙ୍ଗାମା

**ଭୁବନେଶ୍ୱର, ୧୬ ।୪(ସମିସ):** ବିଜେପି ପରେ କଂଗ୍ରେସରେ ଆରମ୍ଭ ହୋଇଛି ପ୍ରାର୍ଥିତ୍ୱକୁ ନେଇ ବିବାଦ । କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ଆଜି କଂଗ୍ରେସ ଭବନରେ ଦେଖିବାକୁ ମିଳିଛି ହାଇଡ୍ରାମା । ଦିନେ କି କାଳେ ନିର୍ବାଚନମଣ୍ଡଳୀ ମାଟି ମାଡ଼ି ନଥିବା ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେଇଥିବା ଅଭିଯୋଗ କରି କଂଗ୍ରେସ ଭବନ ଗେଟ୍ ବନ୍ଦ କରି ଶକ୍ତି ପ୍ରଦର୍ଶନ କରିଛନ୍ତି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଅସନ୍ତୁଷ୍ଟ କଂଗ୍ରେସ କର୍ମୀ । କଂଗ୍ରେସର ନରୋତ୍ତମ ନାଏକଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା କରିଛି । ହେଲେ ଏହାକୁ ଛେଣ୍ଡିପଦା କଂଗ୍ରେସ କର୍ମୀ ବିରୋଧ କରିଛନ୍ତି । ନରୋତ୍ତମ ନାଏକଙ୍କ ଟିକେଟ ନ କାଟିଲେ କର୍ମୀ ମାନେ ମିଳିତ ଭାବେ ଦଳ ଛାଡିବେ ବୋଲି ଚେତାବନୀ ଦେଇଛନ୍ତି ।



# କଟକ ସିଟି



### ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ

# ୫୮ କୋଟିରେ ହେବ ମାର୍କେଟ କମ୍ପ୍ଲେକ୍ସ

କଟକ, ୧୬।୪(ସମିସ):

ତାଳଦଣ୍ଡା କେନାଲ ପାର୍ଶ୍ୱରେ ଏକ ବିଶାଳ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏ ନେଇ ନିଷ୍ପତ୍ତି ଚୂଡାନ୍ତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସିବି ଅଧୀକ୍ଷକଙ୍କୁ ସୋମବାର ଏ ବାବଦରେ ଚିଠି ଆସିଛି। ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନେଇ ପ୍ରଶାସନିକ ଅନୁମୋଦନ ମିଳି ସାରିଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ଏସସିବି ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ ବୋଲି ୱାର୍କସ ବିଭାଗର ଜନୈକ ବରିଷ୍ଠ ଯନ୍ତ୍ରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ଯାହାକି ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ପାଇଁ ଫଳପ୍ରଦ ହେବ ବୋଲି ସେ ଜଣାଇଛନ୍ତି।

ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୫୮ କୋଟି ୩୯ ଲକ୍ଷ ୨୮ ହଜାର ୫୧୭ ଟଙ୍କାର ବ୍ୟୟ ଅଟକଳ ହୋଇଛି। କେବଳ କୋଠା ନିର୍ମାଣ କାର୍ଯ୍ୟରେ ୩୧ କୋଟି ୨୫ ଲକ୍ଷ ୩୧ହଜାର ୧୨୯ ଟଙ୍କା ଖର୍ଚ୍ଚ କରାଯିବ। ବେସମେଣ୍ଟ ଓ ଏହାର ଆଖପାଖ ଅଞ୍ଚଳର ନିର୍ମାଣରେ ୧୭ କୋଟିରୁ ଅଧିକ ଟଙ୍କା ବିନିଯୋଗ ହେବ। ବେସମେଣ୍ଟ ଡ୍ରେନେଜ ବ୍ୟବସ୍ଥା ଦିଗରେ ୨୩ଲକ୍ଷ ୪୫ହଜାର ଟଙ୍କା ଖର୍ଚ୍ଚ ହେବ। ସେହିପରି ୫ଟି ବ୍ଲକ ରହିବ। ବ୍ଲକ-୧ ନିମନ୍ତେ ୨ କୋଟି ୬୩ଲକ୍ଷ ୭୦ ହଜାର, ବ୍ଲକ-୨ ନିମନ୍ତେ ୧କୋଟି ୨୦ ଲକ୍ଷ, ବ୍ଲକ-୩ ନିମନ୍ତେ ୧କୋଟି ୫୧ଲକ୍ଷ, ବ୍ଲକ-୪ ନିମନ୍ତେ ୪ କୋଟି ୯୮ ଲକ୍ଷ, ବ୍ଲକ-୫ ନିମନ୍ତେ ୨ କୋଟି ୨୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି।

**ତାଳଦଣ୍ଡା କେନାଲ ପାର୍ଶ୍ୱରେ ହୋଇଛି ଜାଗା ଚିହ୍ନଟ**

**୬ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ**

ଏଠାରେ ପ୍ରସ୍ତାବିତ ଏକ ପ୍ଲାଜା ନିମନ୍ତେ ୮ ଲକ୍ଷ ୫୭ହଜାର ଟଙ୍କାର ବଜେଟ ରହିଛି। ୨ଟି ବ୍ଲକରେ ଶୌଚାଳୟ ରହିବ। ଏ ବାବଦରେ ଖର୍ଚ୍ଚ ହେବ ୨୯ ଲକ୍ଷ ଟଙ୍କା। ଫାଟକ ଓ ପାଚେରୀ ବାବଦକୁ ୪୧ଲକ୍ଷ ଟଙ୍କାର ବଜେଟ ଧାର୍ଯ୍ୟ ହୋଇଛି। ସେହିପରି ନିର୍ମାଣ ହେବାକୁ ଥିବା ନୂତନ ମାର୍କେଟ କମ୍ପ୍ଲେକ୍ସର ଅନ୍ୟ ସମସ୍ତ ଆନୁସଙ୍ଗିକ ନିର୍ମାଣ ବାବଦରେ ୧୧ କୋଟି ୮୯ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। କୋଠାର ବାହାର ଏବଂ ଭିତରର ବିଦ୍ୟୁତ ବ୍ୟବସ୍ଥା ବାବଦରେ ୩ କୋଟି ୭୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଜଳ ପ୍ରତିରୋଧକ ବ୍ୟବସ୍ଥା ପାଇଁ ୩ କୋଟି ଟଙ୍କା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ୭୮ ଲକ୍ଷ ଟଙ୍କା, ଲିଫ୍ଟ ବ୍ୟବସ୍ଥା ପାଇଁ ୬୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି କୋଠାର ସୌନ୍ଦର୍ଯ୍ୟକରଣ ନିମନ୍ତେ ୪୬ ଲକ୍ଷ ଟଙ୍କାର ବଜେଟ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଯୋଗ୍ୟ, ରାଜ୍ୟ ସରକାର ଏସ୍‌ସିବି ମେଡିକାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖିଛନ୍ତି। ଏ ନେଇ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ୪ଟି କ୍ଲିନିକାଲ କୋଠା ଏବଂ ଡାକ୍ତର, ଷ୍ଟାଫଙ୍କ ରହଣୀ ନିମନ୍ତେ ୧୩ଟି ଆବାସିକ କୋଠା ନିର୍ମାଣ କରାଯାଉଛି। କ୍ୟୁରିଂ କମ୍ପାଉଣ୍ଡ ମିଶ୍ରଣରେ ଅତ୍ୟାଧୁନିକ ପଦ୍ଧତିରେ କୋଠା ନିର୍ମାଣ ଚାଲିଛି। ଚଳିତବର୍ଷ ଡିସେମ୍ବର ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି।



## ଟି. ୱାପଙ୍ଗ ଆଓଙ୍କ ବିରୋଧରେ ମାମଲା ହାଇକୋର୍ଟରେ ରଦ୍ଦ

କଟକ, ୧୬।୪(ସମିସ): ମାଲକାନଗିରି ଜିଲ୍ଲାର ପୂର୍ବତନ ସବ୍-ଡିଭିଜନାଲ ମାଜିଷ୍ଟ୍ରେଟ(ଏସଡିଏମ) ଆଇଏଏସ୍ ଅଧିକାରୀ ତଥା ଟି. ୱାପଙ୍ଗ ଆଓଙ୍କ ବିରୋଧରେ ମାଲକାନଗିରି ଏସ୍‌ଡିଜେଏମ ଅଦାଲତରେ ବିଚାରାଧୀନ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସମ୍ମାନ ହାନି ଓ ଧମକ ଅଭିଯୋଗ ନେଇ ଜନୈକ ଆଇନଜୀବୀ ଦାଖଲ କରିଥିବା ଆବେଦନର ଶୁଣାଣି କରି ଏସଡିଜେଏମ ଅଦାଲତ ଟି.ୱାପଙ୍ଗଙ୍କ ବିରୋଧରେ ଆଇପିସିର ଦଫା ୫୦୦ ଓ ୫୦୬ରେ କଗନିଜାନ୍ସ ଗ୍ରହଣ କରିଥିଲେ। ଅନ୍ୟପଟରେ ଏହି ମାମଲାରେ କଗନିଜାନ୍ସ ଗ୍ରହଣରୁ ମୁକ୍ତ ପାଇଁ ଟି.ୱାପଙ୍ଗ ଦାଖଲ କରିଥିବା ଡିସଚାର୍ଜ ପିଟିସନକୁ ୨୦୨୩, ଡିସେମ୍ବର ୬ରେ ଏସଡିଜେଏମ୍ ଅଦାଲତ ଖାରଜ କରିଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ ମାଲକାନଗିରି ଉପଜିଲ୍ଲାପାଳ ତଥା ଏସଡିଏମ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଏଭଳି ଅଭିଯୋଗ ଆଣିଥିଲେ ଜଣେ ଆଇନଜୀବୀ। ୨୦୦୩, ଅଗଷ୍ଟ ୫ରେ ଏସଡିଏମ ଭାବେ ଅଦାଲତରେ ଏକ ମାମଲା ଶୁଣାଣି କରୁଥିବା ବେଳେ ଜଣେ ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ସରକାରଙ୍କ ମଞ୍ଜୁରୀ ନଥାଇ ତାଙ୍କ ବିରୋଧରେ ମାମଲା ଚାଲିବା ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ସମ୍ପୃକ୍ତ ଆଇଏଏସ ଅଧିକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

● ସ୍କୁଲ ମିଶ୍ରଣ ମାମଲା

## ହାଇକୋର୍ଟରେ ଶୁଣାଣି ଶେଷ

କଟକ, ୧୬।୪ (ସମିସ): ସ୍କୁଲ ମିଶ୍ରଣ ସମ୍ପର୍କିତ ମାମଲାରେ ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଦାୟର କରିଥିବା ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆଜି ହୋଇଛି। ମାମଲାର ଶୁଣାଣି ଶେଷ କରି ରାୟକୁ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂହ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ ମିଶ୍ରଣ ନିଷ୍ପତ୍ତି ସାମ୍ବିଧାନିକ ବିଧି ବ୍ୟବସ୍ଥା, ଜାତୀୟ ଶିକ୍ଷାନୀତି ଓ ଶିକ୍ଷା ଅଧିକାର ଆଇନକୁ ଦୃଷ୍ଟିରେ ରଖି ସରକାର ନିଷ୍ପତ୍ତି ନେଇଥିଲେ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ସେହିପରି ପ୍ରତିପକ୍ଷଙ୍କ ପକ୍ଷରୁ ମଧ୍ୟ ସରକାରଙ୍କ ଯୁକ୍ତିକୁ ବିରୋଧ କରିବା ସହ ସୁପ୍ରିମକୋର୍ଟ ଓ ଅନ୍ୟ କେତେକ ହାଇକୋର୍ଟଙ୍କ ରାୟକୁ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ କରାଯାଇଥିଲା। ସୂଚନାଥାଉକି ସ୍କୁଲ ମିଶ୍ରଣ ସମ୍ପର୍କିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତିକୁ ଜଣିକିଆ ବିଚାରପତି ଗତ ୨୦୨୧, ମେ' ୪ରେ ରଦ୍ଦ କରିଦେଇଥିଲେ। ୨୦୨୧, ଜୁଲାଇ ୨୦ରେ ହାଇକୋର୍ଟର ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ସରକାରଙ୍କ ରିଟ୍ ଅପିଲର ଶୁଣାଣି କରି ଜଣିକିଆ ବିଚାରପତିଙ୍କ ରାୟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ପ୍ରତିପକ୍ଷଙ୍କ ତରଫରୁ ଆସନ୍ତାକାଲି ଯୁକ୍ତି ଉପସ୍ଥାପନ କରାଯିବ। ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ଓ ଆଇନଜୀବୀ ଅମୀୟ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।






ପବିତ୍ର ଅଶୋକାଷ୍ଟମୀ ଅବସରରେ ଗଡ଼ିଲା ରୁକୁଣା ରଥ (ଫଟୋ - ବିକାଶ)






ଏସସିବିରେ ପହଞ୍ଚି ଯାଜପୁର ବସ ଦୁର୍ଘଟଣାରେ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

## ଆହତଙ୍କୁ ଭେଟିଲେ ସଂତୃପ୍ତ ଓ ସୁବାସ






କଟକ, ୧୬।୪(ସମିସ): ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଯାଜପୁର ବସ୍ ଦୁର୍ଘଟଣାର ଆହତଙ୍କୁ ବିଜେଡି ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ କଟକ ମେୟର ସୁବାସ ସିଂହ ଭେଟିଥିଲେ। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କୁ କିପରି ଉନ୍ନତ ଚିକିତ୍ସା ମିଳିବ ସେ ବାବଦରେ ମେଡିକାଲର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ ମଧ୍ୟ ଆହତଙ୍କୁ ଭେଟିଛନ୍ତି। ଏହି ପରିଦର୍ଶନ ସମୟରେ ଏସ୍‌ସିବିର ପରିସଂଖ୍ୟାନ ଅଧିକାରୀ ଦୀପ୍ତିରଞ୍ଜନ ରାୟ, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅପହୃତ ନାବାଳକ ଉଦ୍ଧାର

କଟକ, ୧୬।୪(ସମିସ): ଗୋପାଳପୁର ସାଇ ମନ୍ଦିର ନିକଟରୁ ମଙ୍ଗଳବାର ଅପହରଣ ହୋଇଥିବା ନାବାଳକକୁ କଟକ ସଦର ଥାନା ପୁଲିସ ଉଦ୍ଧାର କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି। ଉକ୍ତ ବ୍ୟକ୍ତିଙ୍କ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଜଣାପଡ଼ିନାହିଁ। ବୁଧବାର ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଅତିରିକ୍ତ ଡିସିପି ଅନୀଲ ମିଶ୍ର ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନରେ ଗୋପାଳପୁର ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଏକ ଦମ୍ପତିଙ୍କ ୫ବର୍ଷର ଶିଶୁପୁତ୍ର ନିଖୋଜ ହୋଇ ଯାଇଥିଲା। ଏ ନେଇ ସେମାନେ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଖୋଜାଖୋଜି କରିବା ପରେ ଜଣେ ବ୍ୟକ୍ତି ଶିଶୁ ପୁତ୍ରକୁ ଧରି ଚାଉଳିଆଗଞ୍ଜ ଅଞ୍ଚଳରେ ଘୁରି ବୁଲିଥିବା ଦେଖିବାକୁ ପାଇଥିଲା। ଉକ୍ତ ବ୍ୟକ୍ତିକୁ ପୁଲିସ ଅଟକ ରଖିଛି।

## ଏସ୍‌ସିବି କର୍ମଚାରୀ ସଂଘ ପକ୍ଷରୁ ଜଳଛତ୍ର




କଟକ, ୧୬।୪(ସମିସ): ଏସ୍‌ସିବି ୩ୟ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ମେଡିକାଲ ପରିସରରେ ମଙ୍ଗଳବାର ଏକ ଜଳଛତ୍ର ଉଦ୍‌ଘାଟନ ହୋଇଥିଲା। ଆକାଉଣ୍ଟସ ଅଫିସର ମାନସ ଉପାଧ୍ୟାୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସଭାପତି ଦୀପ୍ତିରଞ୍ଜନ ସାହୁ, ସମ୍ପାଦକ ଦେବାଶିଷ ମହାନ୍ତି, କୋଷାଧ୍ୟକ୍ଷ ସୂର୍ଯ୍ୟଭାନୁ ମହାରଥୀ, ଉପସଭାପତି ସନ୍ତୋଷ ନାୟକ, ଯୁଗ୍ମ ସମ୍ପାଦକ କରଣ ବେହେରା, ସାଙ୍ଗଠନିକ ସମ୍ପାଦକ ଧର୍ମପଦ ଲେଙ୍କା, ବରିଷ୍ଠ ସଦସ୍ୟ ସମରେନ୍ଦ୍ର ଦାସ, ଶରତ ମାରାଣ୍ଡି, ନାରାୟଣ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପଲିଥିନରେ ନବଜାତକର ମୃତଦେହ

କଟକ, ୧୬।୪(ସମିସ): ଶକ୍ତିନଗର ବିଶିନାବର ଶିବ ମନ୍ଦିର ନିକଟ ରାସ୍ତା ଉପରେ ଏକ ନବଜାତ ଶିଶୁର ମୃତଦେହ ଠାବ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୯ଟା ବେଳେ ଏକ କଳା ପଲିଥିନରେ ଶିଶୁର ମୃତଦେହ ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ବାଦାମବାଡି ଥାନା ପୁଲିସ ଶବ ଜବତ କରି ଏସସିବି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଭଳି ଅମାନବୀୟ କାର୍ଯ୍ୟ କରିଥିବା ବ୍ୟକ୍ତିକୁ ଚିହ୍ନଟ ଲାଗି ପୁଲିସ ସିସିଟିଭି ଫୁଟେଜ ସହ ଘରୋଇ ହସ୍ପିଟାଲରୁ ତଥ୍ୟ ଆଣି ଯାଞ୍ଚ କରୁଛି।

### ଆଜି ବିଶ୍ୱ ହିମୋଫିଲିଆ ଦିବସ

# ରାଜ୍ୟରେ ସର୍ବାଧିକ ହିମୋଫିଲିଆ ରୋଗୀ କଟକରେ

କଟକ, ୧୬।୪(ସମିସ):

ରାଜ୍ୟରେ ସମ୍ପ୍ରତି ହିମୋଫିଲିଆ ରୋଗୀଙ୍କ ସଂଖ୍ୟା ୧୦୦୦ରୁ ୧୨୦୦ ମଧ୍ୟରେ ରହିଛି। ତନ୍ମଧ୍ୟରୁ କଟକ ଜିଲ୍ଲାରେ ସର୍ବାଧିକ ରୋଗୀ ରହିଛନ୍ତି। କଟକରେ ହିମୋଫିଲିଆ ରୋଗୀଙ୍କ ସଂଖ୍ୟା ୫୦୦ରୁ ଅଧିକ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏଭଳି ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ନିଃଶୁଳ୍କରେ ରୋଗୀଙ୍କୁ ଯୋଗାଇ ଦିଆଯାଉଛି ଉନ୍ନତ ଚିକିତ୍ସା ସୁବିଧା। ଏସ୍‌ସିବି ମେଡ଼ିକାଲ ହେମାଟୋଲୋଜି ବିଭାଗରେ ଏଚ୍‌ଟିସି ତଥା ହିମୋଫିଲିଆ ଟ୍ରିଟମେଣ୍ଟ ସେଣ୍ଟର ସଫଳତାର ସହ କାର୍ଯ୍ୟ କରୁଛି। ଉକ୍ତ ସେଣ୍ଟର କାର୍ଯ୍ୟକ୍ଷମ ହେବାକୁ ଇତି ୪ ବର୍ଷ ପୂରଣ ହେଲାଣି। ୱାର୍ଲଡ ହିମୋଫିଲିଆ ଫେଡେରେସନ(ଡବ୍ଲ୍ୟୁଏଫଏଚ୍)ର ସହଯୋଗରେ ୨୦୧୯ରୁ ୨୦୨୨ ମସିହା ପର୍ଯ୍ୟନ୍ତ ଅନ୍ତର୍ଜାତୀୟସ୍ତରର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏସ୍‌ସିବି ମେଡ଼ିକାଲର ଏଚ୍‌ଟିସି ସହିତ ଅନୁବନ୍ଧିତ ହୋଇଥିଲେ। ଏସ୍‌ସିବି ମେଡ଼ିକାଲର ଡାକ୍ତର, ନର୍ସିଂ ଅଫିସର, ଲାବ୍ରୋଟୋରୀ ଟେକ୍ନିସିଆନ, ଫିଜିଓଥେରାପିଷ୍ଟ, ପାରାମେଡିକାଲ ଷ୍ଟାଫଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯାହା ହିମୋଫିଲିଆ ରୋଗୀଙ୍କ ଚିକିତ୍ସା ପଦ୍ଧତିକୁ ଉନ୍ନତମାନର କରି ପାରିଛି ବୋଲି ହେମାଟୋଲୋଜି ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ରବୀନ୍ଦ୍ର କୁମାର ଜେନା କହିଛନ୍ତି।

**ଏସ୍‌ସିବିରେ ସଫଳତାର ସହ କାର୍ଯ୍ୟ କରୁଛି ଏଚ୍‌ଟିସି**

**ଚିକିତ୍ସା ପଦ୍ଧତି 'ଜିନ୍ ଥେରାପୀ' ଭାରତରେ ଉପଲବ୍ଧ ନାହିଁ**

ହିମୋଫିଲିଆ ଏକ ବଂଶଗତ ରୋଗ। ଏଭଳି ରୋଗୀଙ୍କ ଶରୀରର କୌଣସି ସ୍ଥାନରେ କ୍ଷତ ହେଲେ ରକ୍ତ ଆପେଆପେ ଜମାଟ ବାନ୍ଧି ନଥାଏ, ରକ୍ତସ୍ରାବ ଲାଗିରହେ। ଯାହା ରୋଗୀଙ୍କ ପାଇଁ ଜଟିଳ ସମସ୍ୟା ସୃଷ୍ଟି କରେ। ପ୍ରଫେସର ଡାକ୍ତର ରବୀନ୍ଦ୍ର କୁମାର ଜେନାଙ୍କ କହିବା ମୁତାବକ, ୨୦୧୪-୧୫ ମସିହାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। କେବଳ ହିମୋଫିଲିଆ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ୩.୫ କୋଟି ଟଙ୍କାର ଔଷଧ କିଣାଯାଇଥିଲା। ସେବେଠାରୁ ରାଜ୍ୟରେ ହିମୋଫିଲିଆ ରୋଗୀଙ୍କ ପାଇଁ ନିଃଶୁଳ୍କରେ ଔଷଧ ପ୍ରଦାନ କରାଯାଉଛି। ହେମାଟୋଲୋଜି ବିଭାଗରେ ସ୍ୱତନ୍ତ୍ର ଭାବେ ୨୦ ଶଯ୍ୟା ହିମୋଫିଲିଆ ରୋଗୀଙ୍କ ପାଇଁ ମହଜୁଦ ରଖାଯାଇଛି। ଡାକ୍ତରଙ୍କ ସହ ନିୟମିତ ପରାମର୍ଶ ଗ୍ରହଣ କଲେ ଏଭଳି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅଧିକ ଦିନ ସୁସ୍ଥ ରହି ପାରିବ। ଅନେକ ଦିନ ଅନୁସନ୍ଧାନ କରିବା ପରେ ହିମୋଫିଲିଆ ରୋଗୀଙ୍କ ନିମନ୍ତେ 'ଜିନ୍ ଥେରାପୀ' ଚିକିତ୍ସା ଫଳପ୍ରଦ ବୋଲି ବିଶ୍ୱର ବରିଷ୍ଠ ଡାକ୍ତରମାନେ କହିଛନ୍ତି। ଜିନ୍ ଥେରାପୀ ସଫଳ ମଧ୍ୟ ହେଉଛି। ହେଲେ ଏହି ଚିକିତ୍ସା ପଦ୍ଧତି ବ୍ୟୟବହୁଳ। ଯେଉଁଥିପାଇଁ ଭାରତରେ ଏହା ଆରମ୍ଭ ହୋଇ ପାରିନାହିଁ ବୋଲି ସେ ଜଣାଇଛନ୍ତି।

### ଆମନିଓସେଣ୍ଟେସିସ୍ ପରୀକ୍ଷା ପାଇଁ ପ୍ରସ୍ତାବ

ହିମୋଫିଲିଆ ଏକ ବଂଶଗତ ରୋଗ ହୋଇଥିବାରୁ ଭବିଷ୍ୟତର ପୀଢ଼ି ପାଇଁ ଚିନ୍ତା ବଢ଼ୁଛି। ଗର୍ଭାବସ୍ଥାରୁ ଏହି ରୋଗକୁ ଚିହ୍ନଟ କରାଯିବ। କୌଣସି ଗର୍ଭବତୀଙ୍କର ପରିବାରରେ କେହି ହିମୋଫିଲିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଲେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଏପରି ସ୍ଥଳେ କୋରିଓନିକ୍ ଭିଲିଅସ ସାମ୍ପଲିଂ ତଥା ଆମନିଓସେଣ୍ଟେସିସ୍ ପରୀକ୍ଷା କରାଯିବ। ଏତଦ୍ୱାରା ଗର୍ଭାଶୟରେ ଥିବା ଭ୍ରୁଣ ହିମୋଫିଲିଆରେ ଆକ୍ରାନ୍ତ କି ନାହିଁ ତାହା ଜଣାପଡ଼ିବ। ଏଭଳି ପରୀକ୍ଷା କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଖୁବଶୀଘ୍ର ଏଭଳି ପରୀକ୍ଷା ଓଡ଼ିଶାରେ ଆରମ୍ଭ ହେବ।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ନିମନ୍ତେ ପ୍ରସ୍ତୁତି



**ଟାଙ୍ଗୀ,୧୬ ।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟେଶ୍ୱର ମନ୍ଦିର ପରିସରରେ ଟାଙ୍ଗୀ ବିଜେଡି ତରଫରୁ ସ୍ୱର୍ଗତ ବିଜୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ୧୭ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବ । ଏହି ଅବସରରେ ଭଟ୍ଟିମୁଣ୍ଡା ନିକଟସ୍ଥ ବିରୂପା ନଦୀରେ ସମସ୍ତ ବିଜୁ ପ୍ରେମୀ ତିଳତର୍ପଣ କରିବେ । ଏହା ପରେ ସମସ୍ତ କର୍ମୀ ଶୋଭାଯାତ୍ରାରେ ଆସି ଟାଙ୍ଗୀ ହାଟ ପଡ଼ିଆରେ ସାଧାରଣ ସଭାରେ ଯୋଗଦେବେ । ଏଥିପାଇଁ ୧୩ଟି ପଞ୍ଚାୟତର ସମସ୍ତ ବିଜୁପ୍ରେମୀ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ ଓ ଜୟଶ୍ରୀ ପ୍ରଧାନ, ବିଜେଡି ସଂଗଠକ ସୁବୋଧ ସାମଲ, ନରେନ୍ଦ୍ର ରାଉତରାୟ ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଭାପତି ତଥା ଆଗଧାଡିର କର୍ମକର୍ତ୍ତା ପ୍ରମୁଖ ଯୋଗଦାନ କରିଥିଲେ ।

# ଟେଟ୍ରାହେଡ୍ରନ୍ ପକ୍ଷରୁ ଜଳଛତ୍ର




**ଟାଙ୍ଗୀ,୧୬ ।୪(ସମିସ):** ଚଳିତ ବର୍ଷ ରୁଦ୍ରତାପ ଅଧିକ ରହୁଛି । ରାସ୍ତାରେ ଯାଉଥିବା ବାଟୋଇ ପାନୀୟ ପାଣି ବିନା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୃଷାର୍ତ୍ତ ବାଟୋଇଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ କଇରାପାରି ଠାରେ ଗଢ଼ିଉଠିଥିବା ଟେଟ୍ରାହେଡ୍ରନ୍ ଶିକ୍ଷାସମୂହ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସ୍ଥାନରେ ଜଳଛତ୍ର ମାନ ଖୋଲାଯାଇଛି । ସୂଚନାଯୋଗ୍ୟ ଯେ, ଉକ୍ତ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଦିବ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟାଙ୍ଗୀ ଅଞ୍ଚଳର ତିନୋଟି ସ୍ଥାନରେ ଯଥା ୧୬ନମ୍ବର ଜାତୀୟ ରାଜପଥ ହନୁମାନ ମନ୍ଦିର, ଟାଙ୍ଗୀ କଲେଜ ଏବଂ ଟେଟ୍ରାହେଡେନ ଶିକ୍ଷା ଅନୁଷ୍ଠାନ ସମ୍ମୁଖରେ ଜଳଛତ୍ର ଗତ ଏକମାସରୁ ଅଧିକ ଦିନ ହେବ ଜଳଛତ୍ର କାର୍ଯ୍ୟକ୍ରମ ଚାଲୁରହିଛି । ଏହାଦ୍ୱାରା ଛାତ୍ରଛାତ୍ରୀ ଓ ବାଟୋଇ ଉପକୃତ ହେଉଥିବା ଜଣାପଡିଛି । ଆଗାମୀ ଦିନରେ ଅନ୍ୟ ଜନଗହଳି ସ୍ଥାନ ମାନଙ୍କରେ ଅଧିକ ଜଳଛତ୍ର ଖୋଲାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ପ୍ରଦାନ କରିଛନ୍ତି ।

# ପଣସପୁର ଗ୍ରାମଦେବୀଙ୍କ ବାର୍ଷିକ ଉତ୍ସବ



**ମାହାଙ୍ଗା,୧୬।୪(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଣସପୁର ଗ୍ରାମର ଗ୍ରାମଦେବତୀଙ୍କ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ପ୍ରଶାନ୍ତ ଦାସ ଓ ରଶ୍ମିରଞ୍ଜନ ମିଶ୍ରଙ୍କ ଦ୍ୱାରା ଯଥା ରୀତିନୀତିରେ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଏହି ଉତ୍ସବରେ ଦେବାଷିଷ ଜେନା, ସଞ୍ଜୟ ମିଶ୍ର, ଆଶିଷ ଜେନା, ଶ୍ରୀତମ ସାଗର ରାଉତରାୟ, ଦୀପକ ସାହୁ, କୈଳାସ ବାରିକ, ସୁରେଶ ବାରିକ, ପାଣ୍ଡବ ବେହେରା, ନିରଞ୍ଜନ ପୃଷ୍ଟି, ସିଦ୍ଧାର୍ଥ ନାୟକ, ରବିନ୍ଦ୍ର ପୃଷ୍ଟି, ଆରିଆ ନାୟକ, ସୁଦାମ ନାୟକ, ଡମ୍ବରୁ ବେହେରା , ବସନ୍ତ ନାୟକ, ରମେଶ ନାୟକ, ବନମାଳୀ ବେହେରା, ରମେଶ ଦାସ, ବୁଟନ ଦାସ, ଭାବଗ୍ରାହୀ ରାଉତ, ସୁକାନ୍ତ ରାଉତ, ଦେବ ପ୍ରସାଦ ଜେନାଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପଣସପୁର ଦାରୁବ୍ରହ୍ମ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା ।

# ମା'ଚର୍ଚ୍ଚିକାଙ୍କ ଆଶୀର୍ବାଦ ଭିକ୍ଷା କଲେ କଂଗ୍ରେସ ପ୍ରାର୍ଥୀ


**ବାଙ୍କୀ,୧୬।୪(ସମିସ):** ବାଙ୍କୀ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ଦଳ ତରଫରୁ ପ୍ରାର୍ଥୀ ହୋଇଥିବା ଡଃ ଦେବାଶିଷ ପଟ୍ଟନାୟକ ବାଙ୍କୀ ସହର ପରିକ୍ରମା କରିବା ସହିତ କଚେରୀ ଛକ ସାଇ ମନ୍ଦିର ଓ ତାରିଣୀ ମନ୍ଦିର ଦର୍ଶନ କରି ଏକ ବିରାଟ ଶୋଭାଯାତ୍ରାରେ ମା ଚର୍ଚ୍ଚିକାଙ୍କ ପୀଠକୁ ଯାଇଥିଲେ । ସେଠାରେ ମାଙ୍କ ପୂଜାର୍ଚ୍ଚନା କରିବା ସହିତ ନିର୍ବାଚନରେ ବିଜୟ ନିମନ୍ତେ ଆର୍ଶିବାଦ ଭିକ୍ଷା କରିଥିଲେ । ଡମପଡା ବ୍ଲକ୍ କଂଗ୍ରେସ ସଭାପତି ଅସିତ୍ ଚରଣ ପଟ୍ଟନାୟକ, ବାଙ୍କୀ ବ୍ଲକ୍ କଂଗ୍ରେସ ସଭାପତି ନରେଶ ଚନ୍ଦ୍ର ସାହୁ, ବାଙ୍କୀ ନଗର ସଭାପତି କାଶିନାଥ ମହାପାତ୍ର, କଂଗ୍ରେସ ଉପଦେଷ୍ଟା କ୍ଷେତ୍ରବାସୀ ଦାସ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱରଞ୍ଜନ ପଣ୍ଡା, ବାବୁଲି ଦଳେଇ, ଯଶୋବନ୍ତ ବିଶ୍ୱାଳ, ପର୍ଶୁରାମ ମହାନ୍ତି ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ● କଟକ ସଦର ବିଜେପିର ଅନ୍ତର୍ଦ୍ୱନ୍ଦ୍ୱ

# ବିଜେଡିରେ ସାମିଲହେଲେ ଶତାଧିକ କର୍ମୀ

**ଫୁଲନଖରା,୧୬।୪(ସମିସ):** କଟକ ସଦର ନିର୍ବାଚନମଣ୍ଡଳୀର ୫୯ନଂ ୱାର୍ଡର ବର୍ଣ୍ଣକୁଦ ଓ ନୂଆ କାଚରାମାଳ ଗ୍ରାମର ଶତାଧିକ ଯୁବକ ବିଜେଡିରେ ସାମିଲ ହୋଇଛନ୍ତି । କଟକ ସଦର ସଂରକ୍ଷିତ

**କଂଗ୍ରେସ ନେତୃତ୍ୱ ପ୍ରତି ଆସ୍ଥା ହରାଉଛନ୍ତି ଭୋଟର**



ବିଧାନସଭା ଆସନରୁ ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ଲଗାତର ଭାବରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଦିଲ୍ଲୀପ କୁମାର ମଲ୍ଲିକଙ୍କୁ ବହୁ ମତ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଥିଲେ । ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଯଥାକ୍ରମେ ୫୦ ଓ ୫୫ ପ୍ରତିଶତରୁ ଉଦ୍ଧ୍ୱର୍ ଭୋଟ ପାଇଥିବା ବେଳେ ବିଜେପି ଯଥାକ୍ରମେ ୩୨ ଓ ୩୮ ପ୍ରତିଶତ ଭୋଟ ପାଇଥିଲା । ମାତ୍ର କଂଗ୍ରେସ ଉଭୟ ନିର୍ବାଚନରେ ଯଥାକ୍ରମେ ୧୩ ଓ ୪ ପ୍ରତିଶତ ଭୋଟ ପାଇଥିଲା । ଏଥିରୁ ସ୍ପଷ୍ଟ କଟକ ସଦରରେ କଂଗ୍ରେସ ଦିନକୁ ଦିନ ଲୋକମାନଙ୍କର ଆସ୍ଥା ହରାଇବାର ଦୃଷ୍ଟିଗୋଚର ହେଉଛି । ଚଳିତ ନିର୍ବାଚନରେ ବିଜେପି ପକ୍ଷରୁ କଟକ ସଦର ଅଞ୍ଚଳରେ ଦୁଇଜଣ ଆଶାୟୀ ପ୍ରାର୍ଥୀ ନିଜ ସମର୍ଥକଙ୍କୁ ନେଇ ପ୍ରାର୍ଥିତ୍ୱ ଜାହିର କରୁଥିବା ବେଳେ ନବାଗତ ପ୍ରକାଶ ସେଠୀଙ୍କୁ ଦଳ ତରଫରୁ ଟିକେଟ୍ ମିଳିସାରିଛି । ଯାହାକୁ ନେଇ ଦଳୀୟ କର୍ମୀଙ୍କ ଭିତରେ ଅର୍ନ୍ତଦ୍ୱନ୍ଦ୍ୱ ସୃଷ୍ଟି ହେଉଥିବାର ଶୁଣିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ ୫୯ନଂ ୱାର୍ଡ ସଭାପତି ଜ୍ଞାନ ରଞ୍ଜନ ସାହୁଙ୍କ ନେତୃତ୍ୱରେ ବର୍ଣ୍ଣକୁଦ ଗ୍ରାମର ଶତାଧିକ ଯୁବକଙ୍କ ସହ ନୂଆ କାଚରାମାଳ ଗ୍ରାମର ଶିବ ପ୍ରସାଦ ପଟ୍ଟନାୟକ, ରବି ନାରାୟଣ ସାହୁ, ରଞ୍ଜନ ସାହୁ, ବିରଞ୍ଚି ପଲେଇ, ସରୋଜ ଭୋଇ ଓ ବଦ୍ରି ନାରାୟଣ ଦାସ ପ୍ରମୁଖ ବିଧାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଦଳୀୟ କାର୍ଯ୍ୟକ୍ରମ ଉପରେ ବିଶ୍ୱାସ ରଖି ବିଜେଡିରେ ସାମିଲ ହୋଇଛନ୍ତି । ବିଧାୟକ ଶ୍ରୀ ବେହେରା କର୍ମୀଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଦଳ ପ୍ରତି ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ସଦର ବିଜେଡି ସଭାପତି ପ୍ରମୋଦ ବେହେରା, ୱାର୍ଡ ସଭାନେତ୍ରୀ ଚନ୍ଦ୍ରକାନ୍ତି ବେହେରା, ବିପ୍ର ଚରଣ ଭୋଳ, ପ୍ରିୟ ରଞ୍ଜନ ବେହେରା, ପବିତ୍ର ବେହେରା, ବଲ୍ଲଭ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଆଲୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ମା'ତାରିଣୀଙ୍କ ପୀଠରେ ବାର୍ଷିକ ଉତ୍ସବ

**ସାଲେପୁର,୧୬ ।୪(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଦୁଇଦିନ ବ୍ୟାପୀ ମାଛୁଆତି ଗ୍ରାମରେ ଥିବା ମା'ତାରିଣୀଙ୍କର ବାର୍ଷିକ ଉତ୍ସବ ମହାବିଷୁବ ସଂକ୍ରାନ୍ତି ଦିନ ଉଦ୍ୟାପିତ ହୋଇଯାଇଛି । ଏହି ଅବସରରେ ଶନିବାର ଓ ରବିବାର ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମା'ଙ୍କ ପୂଜାର୍ଚ୍ଚନା ଯଥାରୀତିରେ କରାଯାଇଥିଲା । ପ୍ରତିଦିନ ଏହି ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁମାନେ ଉପସ୍ଥିତ ହୋଇ ମା'ଙ୍କ କୃପା ଲାଭ କରିଥିଲେ । ମହାବିଷୁବ ସଂକ୍ରାନ୍ତି ଅବସରରେ ସକାଳୁ ସୂର୍ଯ୍ୟପୂଜା, ଗୋପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ନିରଞ୍ଜନ ଶତପଥି, ପଣ୍ଡିତ ସୁରଜ ଦାଶ, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ ଉପସ୍ଥିତ ରହି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ । ସୁଧିର ଶତପଥି ଓ ତାଙ୍କ ଧର୍ମପତ୍ନୀ ଶୁଭଶ୍ରୀ ଶତପଥି କର୍ତ୍ତାକର୍ତ୍ତୀ ଭାବେ ଯୋଗଦେଇଥିଲେ । ୨ଦିନ ଧରି ମଧ୍ୟାହ୍ନରେ ଗ୍ରାମର ଯୁବକଙ୍କ ଦ୍ୱାରା ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନରେ ଶ୍ରଦ୍ଧାଳୁମାନଙ୍କୁ ପଣାଭୋଗ ବଣ୍ଟନ କରାଯାଇଥିବାବେଳେ ସନ୍ଧ୍ୟାରେ ମା'ଙ୍କ ସନ୍ଧ୍ୟାଆଳତୀ କରାଯାଇଥିଲା । ଶେଷରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀମାନେ ଏଥିରେ ସହଯୋଗ କରିଥିଲେ ।

# ବିଜେଡିର ବୁଥ କମିଟି ବୈଠକ

**ଚୌଦ୍ୱାର,୧୬।୪(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସେ ସବୁର ସଫଳ ରୂପାୟନ ସମ୍ପର୍କରେ ଦଳୀୟ କର୍ମୀମାନେ ଘରକୁ ଘର ଯାଇ ଲୋକମାନଙ୍କୁ ଅବଗତ କରାଇବା ସହିତ ସେମାନଙ୍କର ଆବଶ୍ୟକତା ଥିବା ମୌଳିକ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝ । ଏଭଳି ମନ୍ତ୍ର ଦେଇଛନ୍ତି ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ । ସୋମବାର ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ବୁଥ୍ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭାତ ତୃଣମୂଳସ୍ତରରେ ଦଳକୁ ଆହୁରି ମଜବୁତ୍ କରିବା ପାଇଁ ଉପସ୍ଥିତ ୱାର୍ଡବାସୀଙ୍କୁ ଗୁରୁମନ୍ତ୍ର ଦେବା ସହିତ ଆଗାମୀ ସାଧାରଣ ନିର୍ବାଚନରେ କଟକ ଲୋକସଭା ଆସନରେ ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ



କରିଥିଲେ । ସ୍ଥାନୀୟ କାଉନସିଲର ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ଅୟୋଜିତ ଏହି ବୈଠକରେ ବିଜେଡିର ପୌର ମୁଖ୍ୟ ପର୍ଯ୍ୟବେକ୍ଷକ ତଥା ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ତଥା ବିଜେଡି କଟକ ଜିଲ୍ଲା ଉପସଭାପତି ଶୁଭେନ୍ଦୁ ସାମଲ, ନଗର ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁଚରଣ ପରିଡା, ଯୁବମୋର୍ଚ୍ଚା ସଭାପତି ଶାରଦା ରଞ୍ଜନ ପରିଜା, ଛାତ୍ର ନେତା ଭରତ ସାହୁ ପ୍ରମୁଖ ଯୋଗଦେଇଥିଲେ । ୱାର୍ଡ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ, ରଘୁନାଥ ସ୍ୱାଇଁ, କେଶବ ଚନ୍ଦ୍ର ସାହୁ, ପୂର୍ବତନ କାଉନସିଲର ଗିରିଧାରୀ ଦଳେଇ, ସୁବାସ ଚନ୍ଦ୍ର ବାରିକ୍, ସ୍ନିଗ୍ଧା ଶର୍ମା, ସୁଜାତା ରଥ, ମାମିନା ରାଉତରାୟ, ଟୁନି ବିଶ୍ୱାଳ, ଜଗନ୍ନାଥ ସାହୁ, ଯଦୁନାଥ ଦଳାଇଙ୍କ ସମେତ ଶତାଧିକ ବିଜେଡି କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ୱାର୍ଡ ପର୍ଯ୍ୟବେକ୍ଷକ ବିଭୂତି ଭୂଷଣ ବେହେରା ନିର୍ବାଚନ ସମୟରେ ବୁଥ ପରିଚାଳନା ବିଷୟରେ କମିଟି ସଦସ୍ୟଙ୍କୁ ବୁଝାଇଥିଲେ ।

## ■ ଗରିବଙ୍କ ସାହା ବିଏସ୍‌କେୱାଇ କାର୍ଡ

# ରୋଗୀଙ୍କୁ ଭେଟିଲେ ସଦର ବିଧାୟକ



**ଫୁଲନଖରା,୧୬।୪(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଆମଣ ଗ୍ରାମର ଧ୍ରୁବ ଚରଣ ଭୋଇ (୫୩) ଓ ନମିତା ଭୋଇ (୩୯) ବହୁ ଦିନରୁ ରୋଗରେ ପୀଡିତ ହୋଇ ବହୁ କଷ୍ଟ ପାଉଥିଲେ । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମାଧ୍ୟମରେ ଉଭୟେ ଫୁଲନଖରା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଅପରେସନ୍ ହୋଇ ସଂପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି । ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ସେମାନଙ୍କ ନିକଟରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ । ବିଏସ୍‌କେୱାଇ କାର୍ଡ ତାଙ୍କୁ ନୂତନ ଜୀବନ ଦେଇଛି ବୋଲି ଉଭୟେ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଡ ମାଧ୍ୟମରେ ଚିକିତ୍ସିତ ହେଉଥିଲେ ସୁଦ୍ଧା ମେଡିକାଲର ଡାକ୍ତରଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ । ମେଡିକାଲର ଲୋକସଂପର୍କ ଅଧିକାରୀ ସାବିତ୍ରୀ ମୁଦୁଲି, ବିଏସ୍‌କେୱାଇ ମ୍ୟାନେଜର ଶାରଦା ପ୍ରସାଦ ସେଠୀ ଓ ପରିଚାଳକ ସତ୍ୟଜିତ୍ ମହାପାତ୍ର ଚିକିତ୍ସିତ ହେଉଥିବା ସମସ୍ତ ବିଏସ୍‌କେୱାଇ କାର୍ଡଧାରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ବୋଲି ମଧ୍ୟ ପ୍ରକାଶ କରିଥିଲେ ।

# ମଣିଯୋରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ମାହାଙ୍ଗା,୧୬।୪(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତସ୍ଥିତ ମଣିଯୋରୀ ହାଟ ପଡିଆଠାରେ ପ୍ରତିଷ୍ଠିତ ପ୍ରଭୁ ମହାବୀରଙ୍କ ତିନି ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ, ସର୍ବ ଦେବାଦେବୀ ପୂଜା, ଶ୍ରୀରାମଚନ୍ଦ୍ରଙ୍କ ୧୦୮ ଆହୁତି ଓ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଜରିଆ ଝିଲ୍ଲୀରୁ ଶତାଧିକ ମହିଳା ଓ ପୁରୁଷମାନେ ଜଳବରଣୀ କରି ଯଜ୍ଞସ୍ଥଳରେ ପହଞ୍ଚି ଘଟ ସ୍ଥାପନ କରିଥିଲେ । ଏଥିରେ କର୍ତ୍ତାଭାବେ ଶ୍ୟାମସୁନ୍ଦର ସାହୁ ଓ କାର୍ତ୍ତିକ ଚରଣ ଦାସ, କର୍ତ୍ତୀଭାବେ ମିନତୀ ସାହୁ ଓ ଗିତାଞ୍ଜଳି ଦାସ ପ୍ରମୁଖ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ବରିଷ୍ଠ ପଣ୍ଡିତ ନୃସିଂହ ଚରଣ ମିଶ୍ର ଓ ସାଥିଭାବେ ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଇଂ ଗଣେଶ୍ୱର ସ୍ୱାଇଁ, ଇଂ ସଚିନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସାହୁ, ମହେଶ୍ୱର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ନାୟକ, ଉମେଶ ଚନ୍ଦ୍ର ସାହୁ, କ୍ଷୀରୋଦ ସାହୁ, ନାରାୟଣ ସାହୁ, ନଳିନୀକାନ୍ତ ନାୟକ, ଭ୍ରମରବର ଦାସ, କୈବଲ୍ୟ ମହାନ୍ତିଙ୍କ ସମେତ ଅବିଭକ୍ତ ଓଷଙ୍ଗ ପଞ୍ଚାୟତର ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୂତନ ଅନନ୍ତ ନାଗ ମୂର୍ତ୍ତି ପ୍ରତିଷ୍ଠା



**ବାଙ୍କୀ,୧୬।୪(ସମିସ):** ଡମପଡା ବ୍ଲକ୍ ଅନ୍ତର୍ଗତ ଶିମିଳିପୁର ଗ୍ରାମପଞ୍ଚାୟତ ବାବା ସିଦ୍ଧେଶ୍ୱର ମହାପ୍ରଭୁଙ୍କ ପୀଠରେ ନୂତନ ଅନନ୍ତ ନାଗ ମୂର୍ତ୍ତି ପ୍ରତିଷ୍ଠା ହୋଇଯାଇଛି । ଏହି ଅବସରରେ ବାଙ୍କୀ ବିଧାୟକ ତଥା ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀରଞ୍ଜନ ତ୍ରିପାଠୀ ଏବଂ କଟକ ଲୋକସଭା ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଅତିଥି ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ । ଉଭୟ ଅତିଥିଙ୍କୁ ପଞ୍ଚାୟତବାସୀଙ୍କ ତରଫରୁ ସ୍ୱାଗତ କରାଯିବା ସହିତ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତା ନିର୍ବାଚନରେ ଶ୍ରୀ ମିଶ୍ର ଓ ଶ୍ରୀ ତ୍ରିପାଠୀ କିପରି ବିପୁଳ ଭୋଟ ପାଇ ନିର୍ବାଚିତ ହେବେ ସେଥିପାଇଁ ବାବା ସିଦ୍ଧେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିମିଳିପୁର ଜାଗର ମହୋତ୍ସବ କମିଟି ସଭାପତି ଦେବୀଦତ ବିଭୂତିରାୟ, ସନ୍ତୋଷ ସାହୁ, ଇନ୍ଦ୍ରମଣି ନାୟକ, ଅନ୍ତର୍ଯ୍ୟାମୀ ନାୟକ, ବେଣୁଧର ସାମଲ, ବିଭୁପ୍ରସାଦ ସାମଲ, ଧରଣୀ ସ୍ୱାଇଁ, ପର୍ଶୁରାମ ନାୟକଙ୍କ ସମେତ ଶିମିଳିପୁର ପଞ୍ଚାୟତର ବହୁ ଗ୍ରାମବାସୀ ବୃନ୍ଦ ଯୋଗଦେଇଥିଲେ ।

# ବୃହଦମ୍ବା ବୈଶାଖୀ ମହୋତ୍ସବ ଉଦ୍‌ଯାପିତ

**ବଡମ୍ବା,୧୬।୪(ସମିସ):** ବଡମ୍ବା କଚେରୀ ପଡିଆଠାରେ ୭ ଦିନ ଧରି ଚାଲିଥିବା ଦ୍ୱିତୀୟ ବୃହଦମ୍ବା ବୈଶାଖୀ ମହୋତ୍ସବ କଳା ସଂସ୍କୃତି ଓ ବାଣିଜ୍ୟ ପ୍ରତିଭା ମହୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି । ଉକ୍ତ ମହୋତ୍ସବକୁ ନିଜିଗଡ଼ ପଞ୍ଚାୟତର ୩ନଂ ୱାର୍ଡ, ମହାବୀର ବଣିକ ସଂଘ ଓ ୩୮ଟି ପଞ୍ଚାୟତକୁ ନେଇ ଗଠିତ କ୍ଲବ ବାଦଶାହ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ପୂରୋଧା ଭାବେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ସମ୍ମାନିତ ଅତିଥିଭାବେ ୩୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରବିନ୍ଦ୍ର ସାହୁ, ମହାବୀର ବଣିକ ସଂଘର ସଭାପତି ଅଶୋକ ସାହୁ, କ୍ଲବ ବାଦଶାହର ସଭାପତି ସଞ୍ଜୟ ସ୍ୱାଇଁ, ୩ନଂ ୱାର୍ଡର ସଭାପତି ଦେବରାଜ ପାଟଶାଣୀ, ୩ନଂ ୱାର୍ଡର ୱାର୍ଡମେମ୍ବର ସୁବ୍ରତ ପାଟଶାଣୀ, କ୍ଲବ ବାଦଶାହା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିରଞ୍ଚି ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ । ଉଦଯାପିତ ଦିବସରେ ଗାୟକ ପ୍ରଦୀପ ପଲେଇ ଆଣ୍ଡ ଗ୍ରୁପର ଗୀତ ଦର୍ଶକଙ୍କ ମନ ନେଇଥିଲା ଓ ଆରିୟାନ ଡ୍ୟାସ ଗ୍ରୁପର ନାଚରେ ଦର୍ଶକ ଝୁମିଥିଲେ । ମଞ୍ଚ ପରିଚାଳନା ତରଙ୍ଗ ଟିଭି ଆର୍ଟିଷ୍ଟ ମିସ ସୋନାଲି ପରିଚାଳନା କରିଥିଲେ । ସାମ୍ବାଦିକ ଚିନ୍ମୟ ମହାନ୍ତିଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ମହୋତ୍ସବର ଶେଷ ଦିନ ଥିବାରୁ ମୀନାବଜାର ଓ ଷ୍ଟଲ ମାନଙ୍କରେ ପ୍ରବଳ ଭିଡ ଜମିଥିଲା । ୩ନମ୍ବର ୱାର୍ଡ ସଭ୍ୟ ଶ୍ରୀ ପାଟଶାଣୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଶତାଧିକ ଲୋକଙ୍କ ଜନ ସମାବେଶ ହୋଇଥିଲା ।

# ବିଷୁବ ଆସର ଓ ବନ୍ଧୁମିଳନ




**ଚୌଦ୍ୱାର,୧୬।୪(ସମିସ):** ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ମହାବିଷୁବ ଆସର ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ କପାଳେଶ୍ୱର ସାଇ ବିହାରସ୍ଥିତ ରୋଟାରୀ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ରାଜ କିଶୋର ପାଢ଼ୀ ଓ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ଅକ୍ଷୟ ମିଶ୍ର ଓ ଶରତ ଖୁଣ୍ଟିଆଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ପବିତ୍ର ମୋହନ ସାହୁ, ଭାସ୍କର ପ୍ରସାଦ ମହାପାତ୍ର, ସରିତା ଦାସ, ହେମନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପ ଭାବେ ଆଗ୍ରାହାଟସ୍ଥିତ ସରସ୍ୱତୀ ସାହିତ୍ୟ ସଂସଦ ତରଫରୁ ବିଷୁବ ମିଳନ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ନିଶ୍ଚିନ୍ତକୋଇଲି ସେବା ସମିତି ଡିଇଓଙ୍କ ଆତ୍ମହତ୍ୟା

**ନିଶ୍ଚିନ୍ତକୋଇଲି, ୧୬।୪(ସମିସ):** ନିଶ୍ଚିନ୍ତକୋଇଲି ପ୍ରାଥମିକ କୃଷି ଋଣ ସେବା ସମବାୟ ସମିତିର ଡିଇଓ ସମୀରରଞ୍ଜନ ଘଡ଼ାଇ (୩୦) ସୋମବାର ରାତିରେ ତାଙ୍କ ଜିଗ୍ନୀପୁର ବାସଭବନରେ ଆତ୍ମହତ୍ୟା କରିଛନ୍ତି। ଏ ସଂକ୍ରାନ୍ତରେ ତାଙ୍କ ପିତା ବସନ୍ତ ଘଡ଼ାଇ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୋମବାର ରାତିରେ ସେ ଖାଇପିଇ ନିଜ ଘରେ ଶୋଇଥିଲେ। ସକାଳେ ପରିବାର ଲୋକେ ଦେଖିଲା ବେଳକୁ ନିଜ ଶୋଇବା ଘର ପଙ୍ଖାରେ ଝୁଲୁଥିଲେ। ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁର କାରଣ ଜଣା ପଡ଼ି ନ ଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

## ବାଙ୍କୀ ବ୍ଲକ ବିଜେଡି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ



**ବାଙ୍କୀ, ୧୬।୪(ସମିସ):** ବାଙ୍କୀ ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟରେ ବାଙ୍କୀ ବ୍ଲକ ବିଜୁ ଜନତା ଦଳର ସମସ୍ତ ଗ୍ରାମପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କର ନିର୍ବାଚନ ସମ୍ପର୍କୀୟ କର୍ମଶାଳା ବ୍ଲକ ବିଜୁ ଜନତା ଦଳର ସଭାପତି ଅନନ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଆଗାମୀ ସାଧାରଣ ନିର୍ବାଚନରେ ବାଙ୍କୀରେ ବିଧାନସଭା ଓ ଲୋକସଭାର ବିଜେଡି ପ୍ରାର୍ଥୀମାନେ ଶଙ୍ଖ ଚିହ୍ନରେ ସର୍ବାଧିକ ଭୋଟ ପଶ୍ଚିମ ବାଙ୍କୀରୁ କିପରି ପାଇପାରିବେ ସେ ସମ୍ପର୍କରେ ରଣକୌଶଳ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ବୈଠକର ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବିଭିନ୍ନ ସାଂଗଠନିକ ଓ ସରକାରଙ୍କ ବହୁମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ବାଙ୍କୀ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ସାମନ୍ତ, ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂ, ସରପଞ୍ଚ ପଦ୍ମ୍ୟମ୍ନ ସୁବୁଦ୍ଧି, ଚକ୍ରଧର ସାହୁ, ବରିଷ୍ଠ ନେତା କୈଳାସ ଚନ୍ଦ୍ର ସାହୁ, ବିଜନ ସାହୁ, ସୁବାଷ ଚନ୍ଦ୍ର ସ୍ୱାଇଁ, ବୈକୁଣ୍ଠ ମୁଦୁଲି, ମହେଶ୍ୱର ମହାପାତ୍ର, ବେଣୁଧର ବଳିୟାରସିଂ, ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ପାତ୍ର, ସରପଞ୍ଚ ଆଶୋକ ମିଶ୍ର, ପ୍ରଫୁଲ୍ଲ ସେନାପତି ଓ ପ୍ରଭୁ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତକୁ ୧୦ ବର୍ଷ ଜେଲ ଦଣ୍ଡ

କଟକ, ୧୬।୪(ସମିସ): ସ୍କୁଲ ଭିତରେ ପଶି ଜନୈକା ଶିକ୍ଷୟିତ୍ରୀଙ୍କୁ ହତ୍ୟା ଉଦ୍ୟମ ମାମଲାରେ କଟକ ସିଜେଏମ ତଥା ସହକାରୀ ଦୌରା ଜଜ୍ ନିଆଳି ଥାନା ଅନ୍ତର୍ଗତ ଆମ୍ବପଡ଼ାର ବିଭୁତି ଭୂଷଣ ମହାନ୍ତି(୫୫)କୁ ଦୋଷୀ ସାବ୍ୟଦତ କରିଛନ୍ତି। ଆଇପିସିର ଦଫା ୩୦୭ରେ ୧୦ ବର୍ଷ ସଶ୍ରମ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ରାଶି ଅନାଦେୟ ଆସାମୀ ୩ ମାସ ଅଧିକ ଜେଲ ଦଣ୍ଡ ଭୋଗ କରିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ ଆମ୍ବପଡ଼ା ପ୍ରାଥମିକ ବିଦ୍ୟାଳୟରେ ୨୦୧୯, ଜୁଲାଇ ୧ ସାଢେ ୧୧ଟା ସମୟରେ ଶିକ୍ଷୟିତ୍ରୀ ସୁଚିସ୍ମିତା ମୁଦୁଲି ଶ୍ରେଣୀରେ ପଢ଼ାଉଥିଲେ। ଶ୍ରେଣୀ ଭିତରକୁ ଏକ ଧାରୁଆ କଟୁରି ଧରି ବିଭୁତି ପ୍ରବେଶ କରି ସୁଚିସ୍ମିତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ସୁଚିସ୍ମିତା ଗୁରୁତର ଆହତ ହୋଇ କଟକ ଏସସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରିବାର ସଦସ୍ୟଙ୍କ ଏତଲା ଆଧାରରେ ନିଆଳି ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ.ଏମ.ବେଗ ମାମଲା ପରିଚାଳନା କରୁଥିଲେ।

## ମହାନଗର ଶାନ୍ତି କମିଟି କର୍ମକର୍ତ୍ତାଙ୍କ ବାସନ୍ତୀ ଦୁର୍ଗା ମଣ୍ଡପ ପରିଦର୍ଶନ

**କଟକ, ୧୬।୪(ସମିସ):** ପବିତ୍ର ବାସନ୍ତୀ ଦୁର୍ଗାପୂଜା ଅବସରରେ ୧୫ ତାରିଖ ମହାସପ୍ତମୀ ଓ ୧୬ ତାରିଖ ମହାଷ୍ଟମୀ ତିଥିରେ କଟକ ମହାନଗର ଶାନ୍ତି କମିଟିର କର୍ମକର୍ତ୍ତାମାନେ ସହରର ସମସ୍ତ ବାସନ୍ତୀ ଦୁର୍ଗା ମଣ୍ଡପ ପରିଦର୍ଶନ କରିଛନ୍ତି। ସେଗୁଡିକ ହେଲା, ଦରଘାବଜାର, ସୁତାହାଟ, ମାଛୁଆବଜାର (ସର୍ପାଦୁର୍ଗା), ମଙ୍ଗଳାବାଗ, ରାଣୀହାଟ ବଜାର, ରାଣୀହାଟ, ଷ୍ଟେସନ ବଜାର, ଶିଖରପୁର, ସର୍ବୋଦୟପୁର (ଛତ୍ରଗଡ଼ା), ଚୌଧୁରୀବଜାର, ବଙ୍ଗାଳୀସାହି, ଉପର-ତେଲେଙ୍ଗା ବଜାର, ବୈଷ୍ଣଦେବୀ (ମାରୱାଡି କ୍ଲବ), ବିନୋଦବିହାରୀ, ଭଗତ ଟ୍ରଷ୍ଟ (ବାଲୁବଜାର), ଚାନ୍ଦିନୀଚୌକ ଓ ବିଡାନାସୀ। ବିଭିନ୍ନ ମଣ୍ଡପ ପକ୍ଷରୁ ଶାନ୍ତି କମିଟି କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି-ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଉପସଭାପତି ଶିବେନ୍ଦ୍ର ହାତୀ, ଦେବାଶିଷ ରାୟ ଓ ଦେବେନ୍ଦ୍ର କାହାଳୀ, ସଂଗଠନ ସମ୍ପାଦକ-ନରେଶଚନ୍ଦ୍ର ସାହୁ, ସହସମ୍ପାଦକ ଶୁବାଶିଷ କର, ରବୀନ୍ଦ୍ର ବେହେରା ଓ ଡ଼. ଦ୍ୱିପାୟନ ପଟ୍ଟନାୟକ, କାର୍ଯ୍ୟାଳୟ ସମ୍ପାଦକ କେଦାର ବେହେରା ଓ ସହସମ୍ପାଦକ ସୁଦୀପ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

### ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ର

# ପ୍ରାର୍ଥୀ ପରିବର୍ତ୍ତନ ସତ୍ତ୍ୱେ ସୁଧୁରୁନି କଂଗ୍ରେସ ସ୍ଥିତି

**କଟକ, ୧୬।୪(ସମିସ)**

ଚୌଦ୍ୱାର-କଟକ କଂଗ୍ରେସ ସଂଗଠନରେ ଏବେ ବିଚିତ୍ର ସ୍ଥିତି ଉପୁଜିଛି। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ପ୍ରତିଥର ପ୍ରାର୍ଥୀ ବଦଳାଇଆସୁଛି। ହେଲେ ବିଗତ ରେକର୍ଡକୁ ଅନୁଧ୍ୟାନ କରିଲେ ଜଣାଯାଏ ଯେ ଏଠାରେ କଂଗ୍ରେସ ସ୍ଥିତି କିନ୍ତୁ ସୁଧୁରିପାରିନାହିଁ। କଂଗ୍ରେସର ଭୋଟ ହାର କମୁଥିବା ବେଳେ ଦଳ ଆସନ୍ତା ନିର୍ବାଚନରେ ନୂଆ ଚେହେରାକୁ ନେଇ କିଭଳି ଆଗକୁ ପ୍ରଦର୍ଶନ କରିବ ତାହାକୁ ନେଇ କର୍ମୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ କଂଗ୍ରେସ ଏଥର ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ବୋହୁ ମୀରା ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ଗୁରୁତ୍ୱପୂର୍ଣ୍ଣ ଯେ କଂଗ୍ରେସ ସଂଗଠନ ପାଇଁ କାମ କରିଆସୁଥିବା ବହୁ ଆଶାୟୀଙ୍କୁ ଏଥିପାଇଁ ନିରାଶ ହେବାକୁ ପଡ଼ିଛି। ଜିନେଶ ଦାସ ଓ ସନ୍ତୋଷ ଭୋଳଙ୍କ ଭଳି ଯୁବ ନେତୃତ୍ୱ ଏଥର ଟିକଟ ଦୌଡରେ ରହିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଜଣକୁ କାହାରିକୁ ନଦେଇ ଜଣେ ଦଳ ମୀରାଙ୍କୁ ଟିକେଟ ଦେଇଥିଲା। ଏହାକୁ ନେଇ

**● ୨୦୧୯ରେ ଚତୁର୍ଥ ସ୍ଥାନରେ ଥିଲା ଦଳ**

ଦଳର କଂଗ୍ରେସ ସଂଗଠନରେ ଫାଟ ସୃଷ୍ଟି ହୋଇଛି। ଗୋଟିଏପଟରେ ମୋକିମଙ୍କ ଏକାନ୍ତ ଅନୁଗତ ଭାବେ ପରିଚିତ କର୍ପୋରେଟର ସନ୍ତୋଷ ଭୋଳ। ପୂର୍ବରୁ ଗତ ୨୦୧୪ରେ ଚୌ÷ଦ୍ୱାର-କଟକରେ ପ୍ରାର୍ଥୀ ହୋଇଥିବା ନଗର କଂଗ୍ରେସର ସଭାପତି ସୁରେଶ ମହାପାତ୍ରଙ୍କ ସହ ମୋକିମଙ୍କ ସମ୍ପର୍କ କାହାରିକୁ ଅଛପା ନାହିଁ। ସୁରେଶ ମଧ୍ୟ ଏଥର ଚୌ÷ଦ୍ୱାର-କଟକରୁ ଆଶାୟୀ ରହି ନଥିଲେ। ସେ କଟକ ଲୋକସଭା ଆସନରୁ ସାଂସଦ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ୨୦୦୯ରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବା ପରେ ଚୌ÷ଦ୍ୱାର-କଟକରେ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ସାବିତ୍ରୀ ଚୌ÷ଧୁରୀ। ସେ ମାତ୍ର ୮୪୯୮(୮.୨୧ପ୍ରତିଶତ) ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ୨୦୧୪ରେ କଂଗ୍ରେସ ସୁରେଶ ମହାପାତ୍ରଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସୁରେଶ ପୂର୍ବାପେକ୍ଷା ଉନ୍ନତ ପ୍ରଦର୍ଶନ କରି କିନ୍ତୁ ୨୯୪୯୫(୨୨.୬୬ପ୍ରତିଶତ) ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୯ରେ ପୁଣି ଦଳ ପ୍ରାର୍ଥୀ ବଦଳାଇଥିଲା। ୨୦୧୯ରେ ଜଗଦୀଶ ଚନ୍ଦ୍ର ମହାନ୍ତି କଂଗ୍ରେସ ପ୍ରାର୍ଥୀ ହୋଇ ମାତ୍ର ୬୮୯୨ଭୋଟ(୫.୦୩ପ୍ରତିଶତ) ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ଆସନ୍ତା ୨୦୨୪ ନିର୍ବାଚନରେ ଦଳ ପୁନର୍ବାର ଚତୁର୍ଥ ଥର ପାଇଁ ପ୍ରାର୍ଥୀ ପରିବର୍ତ୍ତନ କରିଛି। କଂଗ୍ରେସରେ ବି ଏହି ନିର୍ବାଚନ ମଣ୍ଡଳୀରେ ମୋକିମ ଓ ସୁରେଶଙ୍କ ଅନୁଗତ ମାନେ ଗୋଷ୍ଠୀ ବିଭକ୍ତ ମାନେ ହୋଇ ରହିଥିବା ବେଳେ ଏହା ନିର୍ବାଚନ ଫଳକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ବିଜେପି ୫ଥର ହାରିଥିବା ନୟନ କିଶୋର ମହାନ୍ତିଙ୍କୁ ଷଷ୍ଠ ଥର ପାଇଁ ପ୍ରାର୍ଥୀ କରିଛି। ସେହିପରି ବିଜେଡି ଦ୍ୱିତୀୟ ଥର ପାଇଁ ବିଧାୟକ ସୌ÷ଭିକ ବିଶ୍ୱାଳଙ୍କୁ ପ୍ରାର୍ଥୀ ଘୋଷଣା କରିଛି।



ଆଠଗଡ଼ରେ ବିଜେଡି ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ମାରାଥନ ପ୍ରଚାର

## ଟାଙ୍ଗୀରେ ସିପିଏମ୍ ପ୍ରାର୍ଥୀଙ୍କ ପ୍ରଚାର

**ଟାଙ୍ଗୀ, ୧୬।୪(ସମିସ):** କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ସାଲେପୁର ବିଧାନସଭା ନିମନ୍ତେ ସିପିଆଇ(ଏମ୍) ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ବରିଷ୍ଠ ନେତା ବଦ୍ରି ନାରାୟଣ ଦାଶ ନିଜର ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳରେ ମଙ୍ଗଳବାର ହାଟ ଯୋଗୁଁ ଶ୍ରୀ ଦାଶଙ୍କ ପ୍ରଚାର ତଥା ନିବେଦନ ଚର୍ଚ୍ଚାକୁ ଆସିଛି। ପ୍ରଚାରପତ୍ର ମାଧ୍ୟମରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତିକୁ ଶ୍ରୀ ଦାଶ ବିରୋଧ କରିଥିବାବେଳେ ମିଛ ପ୍ରଚାର ଓ ପ୍ରତିଶ୍ରୁତିରେ ବଶୀଭୂତ ନ ହୋଇ ଗଣତନ୍ତ୍ର ତଥା ସମ୍ବିଧାନ ସୁରକ୍ଷା ନିମନ୍ତେ ଭୋଟଦାନ କରିବାକୁ ଶ୍ରୀ ଦାଶ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା।

## ବିଜେଡିରେ ମିଶିଲେ ଜିଲ୍ଲା ବିଜେପି ସମ୍ପାଦକ

**ମାହାଙ୍ଗା, ୧୬।୪(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ମାହାଙ୍ଗାରେ ଦଳ ଡିଆଁ ପର୍ବ ସେତେ ଜୋରରେ ବଢ଼ି ଚାଲିଛି। ବିଜେପି ଓ କଂଗ୍ରେସ ଦଳର କର୍ମୀମାନେ ଏବେ ବିଜେଡି ସାମିଲ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ଆଜି ଅଳିଯୋଡାସ୍ଥିତ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବାସଭବନରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପାଟଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କଟକ ଜିଲ୍ଲା ବିଜେପି ସମ୍ପାଦକ ଏବଂ ୨୫ନଂ ଜୋନ୍ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ବିବେକାନନ୍ଦ ବେହେରାଙ୍କ ସମେତ ବହୁ କର୍ମୀ ବିଜେପି ଦଳ ପରିତ୍ୟାଗ କରି ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ଜେନା ନୂତନ ଭାବେ ଯୋଗଦେଇ ଥିବା କର୍ମୀ ଡମ୍ବରୁଧର ବେହେରା, କୈଳାସଚନ୍ଦ୍ର ପୃଷ୍ଟି, ଅଭିରାମ ବେହେରା, ପଦ୍ମଲାଭ ବେହେରା, ମଦନମୋହନ ବେହେରା, ରଙ୍କ ସେଠୀ, ମୁରଲୀଧର ମଲିକ, ଅଶୋକ ବେହେରାଙ୍କ ସମେତ ବହୁ କର୍ମୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ କେନ୍ଦୁପାଟଣା ପଞ୍ଚାୟତରେ ବିଜେଡିକୁ ମଜଭୂତ କରି କିଭଳି ଭାବେ କେନ୍ଦୁପାଟଣା ପଞ୍ଚାୟତର ବିକାଶ ହୋଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରେମାନନ୍ଦ ଜେନା, ପ୍ରଦୀପ୍ତ ରାଉତ, ନିରଞ୍ଜନ ଭୂୟାଁ, ସ୍ମୃତିରଞ୍ଜନ ନନ୍ଦ, ନାଏବ ସରପଞ୍ଚ ପ୍ରମୋଦ ସାହୁ, ଲିପୁ ମଲିକ ଉପସ୍ଥିତ ଥିଲେ।




# ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର



**ନିଶ୍ଚିନ୍ତକୋଇଲି, ୧୬।୪(ସମିସ)**

କେନ୍ଦ୍ରାପଡ଼ା ଲୋକସଭା ବିଜେଡ଼ି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ମାହାଙ୍ଗା ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଜିଗ୍ନୀପୁର, ଜୟରାମପୁର ଓ ଫଗୋଳ ପଞ୍ଚାୟତ ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶରେ ଶହ ଶହ ମଟର ସାଇକଲ ଶୋଭାଯାତ୍ରାରେ କେନ୍ଦୁପାଟଣା ଛକରୁ ଉଭୟ ପ୍ରାର୍ଥୀ ବାହାରି ଜିଗ୍ନୀପୁର ବ୍ରହ୍ମକ୍ଷେତ୍ରପୀଠ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରକୁ ଯାଇଥିଲେ। ସେଠାରେ ସରପଞ୍ଚ ତିଳୋତ୍ତମା ରାଉତଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ଶ୍ରୀ ବଳଦେବଜୀଉ ମନ୍ଦିରରେ ପୂଜାର୍ଚ୍ଚନା ଓ ଦୀପ ଦାନ କରି ଶ୍ରୀଜୀଉଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ। ଏହା ପରେ ଶୋଭାଯାତ୍ରାରେ ଫଗୋଳ ଏବଂ ଜୟରାମପୁର ପଞ୍ଚାୟତ ମଧ୍ୟ ଦେଇ ଜଗନ୍ନାଥପୁର ସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଏକ ଇଦ୍-ମିଲନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ସଂଯୋଜନାରେ ଆୟୋଜିତ ଇଦ୍-ମିଲନ କାର୍ଯ୍ୟକ୍ରମରେ ମୌଲାନା ଉଦୁତ୍ ରାଜା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇ ବିଜେଡ଼ି ପ୍ରାର୍ଥୀ ନବୀନ ସରକାରଙ୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଉଭୟ ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନରେ ବିପୁଳ ସଂଖ୍ୟାରେ ବିଜୟ କରିବା ପାଇଁ ଉପସ୍ଥିତ ସଂଖ୍ୟାଲଘୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୌଲାନା ନକିବୁଲ ଅମିନ୍ ବର୍କି, ମୌଲାନା ଅବୁଦୁଲା ବାଇଜିତ୍, ବ୍ଲକ ସଂଖ୍ୟାଲଘୁ ବିଜେଡି ସଭାପତି ମୀର୍ଜା ଅବୁଲ ବେଗ, ସେକ୍ ଅଫତାଉଦ୍ଦିନ୍, ସେକ୍ ନିଶାର, ସେକ୍ ସିରାଜ ଅଲ୍ଲୀ, ନାୟାର ଫାଏକ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜିଲ୍ଲା ସଂଖ୍ୟାଲଘୁ ବିଜେଡି ଉପସଭାପତି ଜାକିର ଖାଁ ଧନ୍ୟବାଦ ଦେଇଥିଲେ।

**ନିଆଳି:** ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ଓ ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ଜୁନ୍ ୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ନିଆଳି ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଛବି ମଲ୍ଲିକଙ୍କ ନିଜ ପଞ୍ଚାୟତ କପାସିରେ ବିଜେଡି ଏକ କର୍ମୀ ସମ୍ମିଳନୀ ଆୟୋଜନ କରି ତାର ଶକ୍ତି ପ୍ରଦର୍ଶନ କରିଛି। ଚତୁର୍ଥ ଥର ପାଇଁ ବିଜେଡିରୁ ବିଧାୟକ ଲଢୁଥିବା ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଓ ଦ୍ୱିତୀୟଥର ପାଇଁ ଜଗତ୍ସିଂହପୁର ଲୋକସଭା ଆସନ ପାଇଁ ଲଢୁଥିବା ଡା. ରାଜଶ୍ରୀ ମଲ୍ଲିକ କପାସି ପଞ୍ଚାୟତ ପୋଦନା ଛକ



ଠାରେ ପହଞ୍ଚିବା ପରେ ସେଠାରେ ବିଜେଡି କର୍ମୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ବାଜା, ବାଣ, ରୋଷଣୀରେ ଶୋଭାଯାତ୍ରାରେ ବଡ଼ାରୋ ସ୍ଥିତ କଦମ୍ବବିହାରୀ ପୀଠରେ ଅନୁଷ୍ଠିତ କର୍ମୀ ସମ୍ମିଳନୀକୁ ପାଛୋଟି ଆଣିଥିଲେ। ବରିଷ୍ଠ ସଂଗଠକ ତଥା ଯୁବ ନେତା ରତ୍ନାକର ନାୟକ ଏହି କର୍ମୀ ସମ୍ମିଳନୀକୁ ପରିଚାଳନା କରିଥିଲେ। ଅତିଥି ଭାବେ ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ଓ ଜଗତ୍ସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ ଯୋଗଦେଇ କପାସି ପଞ୍ଚାୟତରେ ଏଭଳି ଅଭୁତପୂର୍ବ କର୍ମୀ ସମାବେଶକୁ ଦେଖି ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳକୁ ଏହି ପଞ୍ଚାୟତରୁ ଅଧିକରୁ ଅଧିକ ଭୋଟ ମିଳିବ ବୋଲି ଆଶା ପ୍ରକାଶ କରିଥିଲେ। ସେହିପରି ଏହି ପଞ୍ଚାୟତ ବିଜେପି ବିଧାୟକ ପ୍ରାର୍ଥୀଙ୍କ ନିଜସ୍ୱ ପଞ୍ଚାୟତ ହୋଇଥିଲେ ମଧ୍ୟ ଏହି ପଞ୍ଚାୟତରେ ବିଜେଡି ସର୍ବାଧିକ ଭୋଟ ନେବ ବୋଲି ଉପସ୍ଥିତ ବିଜେଡି କର୍ମୀମାନେ ସଂକଳ୍ପ ନେଇଥିଲେ। ଏହି କର୍ମୀ ସମ୍ମିଳନୀରେ ଶତାଧିକ ମହିଳା ଯୋଗଦେଇଥିବା ବେଳେ ଉକ୍ତ ପଞ୍ଚାୟତରେ ବହୁ ମୁରବି ଯୋଗଦେଇ କପାସିରୁ ଅଧିକ ଭୋଟ ବିଜେଡ଼ି ଖାତାକୁ ଯିବ ବୋଲି କହିଥିଲେ। ଏହି କର୍ମୀ ସମ୍ମିଳନୀରେ ଜିଲ୍ଲାପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ସମାଜସେବୀ ଶରତ ମଲ୍ଲିକ, ସାହେବ ମଲ୍ଲିକ, ବିଭାପ୍ରକାଶିନୀ ନାୟକ, ଅବଧୂତ ଲେଙ୍କା, ବିନୟ ରାଉତ, ଜଳନ୍ଧର ଲେଙ୍କା, ପ୍ରବୀଣ ମଲ୍ଲିକ, କୈଳାଶ ଲେଙ୍କା, ବିଭୂତି ମଲ୍ଲିକ, ସୁଶାନ୍ତ ଲେଙ୍କା, ରାମଚନ୍ଦ୍ର ମହାନ୍ତି, ପ୍ରଦ୍ୟୁମ୍ନ ମଲ୍ଲିକ, ଜ୍ୟୋତି ରଞ୍ଜନ ମହାନ୍ତି, ବାସୁଦେବ ମହାନ୍ତି, ଲଲାଟକିଶୋର ପଣ୍ଡା, ଟିକି ମଲ୍ଲିକ, ପ୍ରବିର ଦାସ, ଶରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## କେନ୍ଦୁପଲ୍ଲୀ ମହୋତ୍ସବ 'ଦୁଲଣା' ଉଦ୍ୟାପିତ



**ବାଙ୍କୀ, ୧୬।୪(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ମହୋତ୍ସବ ଦୁଲଣା ଉଦ୍ୟାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପଦ୍ୟୁମ୍ନ କୁମାର ସୁବୁଦ୍ଧି ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ଅଧ୍ୟକ୍ଷ ପଦ୍ୟୁମ୍ନ ଶତପଥି ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ମହାମଞ୍ଚ ନାଗରିକ ଆବାହକ ଡ. ପ୍ରଦୀପ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ନାଗରିକ ମହାମଞ୍ଚର ବିଜୟ ପରିଡ଼ା, ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସ ମଣ୍ଡଳୀ ସଭାପତି ସୀତା ବଲ୍ଲଭ ମହାପାତ୍ର, କବି ତଥା ସ୍ତମ୍ଭକାର ସୁନୀଲ ମିଶ୍ର, ସମାଜସେବୀ ବ୍ରଜ କିଶୋର ବରାଡ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିଭାବେ କେନ୍ଦୁପଲ୍ଲୀ ସେବା ସମବାୟ ସମିତିର ପୂର୍ବତନ ସଭାପତି ଉଦୟନାଥ ସାହୁ, ସମାଜସେବୀ କୃଷ୍ଣଚନ୍ଦ୍ର ଚୌଧୁରୀ, ଗ୍ରାମ୍ୟ ପୂର୍ବତନ ସଭାପତି ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ସୋମନାଥ ଖଟୁଆ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କେନ୍ଦୁପଲ୍ଲୀ ମହୋତ୍ସବର ପ୍ରଚ୍ଛଦପଟ ବ୍ୟକ୍ତି ବିଶେଷ ସାମ୍ବାଦିକତା ମାନସ ରଞ୍ଜନ ସାହୁ, ଜୁନିୟର ବୈଜ୍ଞାନିକ ବିରଞ୍ଚି ନାରାୟଣ ସାହୁ, ମନୋଜ ସାହୁ, ସୁଦର୍ଶନ ସାହୁଙ୍କୁ ମହୋତ୍ସବ କମିଟି ତରଫରୁ ସଭାପତି ପଦ୍ୟୁମ୍ନ କୁମାର ସୁବୁଦ୍ଧି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମାଜସେବୀ ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ। କଟକର ନଟରାଜ ନୃତ୍ୟ ଓ ବଲାଙ୍ଗୀର ସମ୍ବଲପୁରୀ ଢୋଲିଆ ସହ ଭୁବନେଶ୍ୱର ମେଲୋଡି ଅର୍କେଷ୍ଟ୍ରାର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

